ଏମନ୍ତ କରୁ ଯେବେ ମନେ । ଶୁଣ କହିବା ସାବଧାନେ ।
ନତ୍ୟ ନିର୍ଗୁଣ ଭଗବାନ । ସେ ନୁହେ ଆଦ ଅବସାନ ।
ଯାହାର କ୍ଷୟ ବୃଦ୍ଧି ନାହିଁ । ଅଲପ ବହୁତ ନୁହଇ ।
ଯେ ନତ୍ୟ ଏକରୂପେ ଥାଇ । ଆଶ୍ଚ ଉପାଶ୍ଚ ଯାର ନାହିଁ ।
ନତ୍ୟ ଆନନ୍ଦମସ୍ୱ ସାକ୍ଷୀ । ସଂସାରେ ଏତେ ମାଣ ଲେଖି ।
ମନର କଳ୍ପନା ଜଗତ । ଯେରୂପ ଦେଖି ନାନାମତ ।
ଜୀଝ ପତଙ୍ଗ ତରୁ ତୃଣେ । କଷଇ ଶଶ୍ୱର ପମାଣେ ।
ସମେ କଷଇ ସଙ୍ଗଦେହେ । ସ୍ଥୂଳ ନୟନେ ଭେଦ ନୋହେ ।
ଏ ରୂପେ ବ୍ରହ୍ମ ପରମାଣି । ଯାହା ନୟନେ ଦେଖି ପୁଣି ।

ମନେ ଗୋଚର କରୁ ଯେତେ । ସତ୍ୟ ବୃନ୍ଦାବନ ଏ ସମସ୍ତେ ।
ସେ ନାଗପୁଣ ପଦ୍ମପାଦ । ହରଇ ବଷପୁ-ବଷାଦ ।
ସେ ପାଦ ଯାକୁ ଦସ୍ତା କରେ । ଉକ୍ତି ଜନ୍ମଇ ତା ହୃଦରେ ।
ଘୋର କଲୁଷ ଦେହୁ ନାଶେ । ନର୍ମଳ ହୃଦସ୍ତ ପ୍ରକାଶେ ।
ଦର୍ପଣେ ପ୍ରତିବମ୍ବ ଯେଉଁ । ବ୍ରହ୍ମ ପ୍ରକାଶେ ତାର ମନେ ।
ଏମନ୍ତରୂପ ଭଗବାନ । ତୁ ଏବେ ଶୁଣମନେ ଶୁଣ ।
ଏ କଥା ସାଧୁ ମୁଖୁ ଶୁଣି । ଗଙ୍ଗା ଯେ ମନେ ପରମାଣି ।
ନମି ଯେ ଶୋକ ଗଦଗଦେ । ଆନନ୍ଦେ ନମି ମୁନିପାଦେ ।

ନମିରୁବାଚ

ବୋଲଇ ଶିରେ ଦେଇ କର । କୋମଳ ବଚନ ଗମ୍ଭୀର ।
ତୋ ମୁନ କହ କର୍ମଯୋଗ । ଯେଣେ ଖଣ୍ଡଇ ଭବରୋଗ ।
ଯେ କର୍ମେ ସଙ୍ଗକର୍ମ ନାଶେ । ପରମବ୍ରହ୍ମ ପରକାଶେ ।
ଜୀବ ନସ୍ତରେ ଯାହା କର । ଅନ୍ତେ ଲଭଇ ନରହର ।
ସେ ଯୋଗ କହ ମୁନଗଣେ । ନମଇଁ ଭୁମ୍ଭର ଚରଣେ ।
ଏ କଥା ପିତାଙ୍କୁ ମଁ ପୂଜେ । ସ୍ନେହେ ପୁଛିଲ ପୁଣରାବେ ।
ସେ ମୋତେ ନ ଦେଲେ ଉତ୍ତର । ଏବେ ସୁଦସ୍ତା ତୁମ୍ଭେ କର ।
ଅବରହୋତ୍ର ତାହା ଶୁଣି । ବୋଲଇ ଶୁଣ ନୃପମଣି ।

ଅବର୍ହୋତ୍ର ଉବାଚ

ଯେ କର୍ମ ଅକର୍ମ ବକର୍ମ । ଏ ତିନ କହନ୍ତି ନଗମ ।
ଇଶ୍ୱର-ବାକ୍ୟେ ଗଲ ବେଦ । ବ୍ରହ୍ମା ଶଙ୍କରେ ନୁହେ ଭେଦ ।
ଏଣେ ମୋହଡ ସଙ୍ଗଜନ । ନ ବୁଝି ବେଦର ବଚନ ।
ମରମମୁଖେ ଧର୍ମ କହେ । ଯେଉଁ ପୁତ୍ରକୁ ବାପ ମାଏ ।
ଔଷଧ କଟୁ ତିକ୍ତ ଅଣି । କହନ୍ତି ନାନା କୃଷ୍ଣବାଣୀ ।
ମଧୁର ବସ୍ତୁ ଥୋଇ ତଳେ । ଲୋଭେ ଭୁଞ୍ଜାନ୍ତି ତାକୁ ବଳେ ।
ତେଣୁ ହରଇ ତାର ରୋଗ । ଅନନ୍ତେ କରେ ସୁଖଭୋଗ ।
ବେଦବଚନ ଏହି ମତେ । ଯାହା କହନ୍ତି ଏ ଜଗତେ ।
କହନ୍ତି ନାନା ମତେ ବାଣୀ । କର୍ମର ଫଳ ପରମାଣି ।
ଯେ ଫଳଲୋଭେ କରେ କର୍ମ । କର୍ମେ ତା ହୁଏ ସତରମ ।
ଏହାକୁ କର୍ମ ବୋଲି ଜାଣ । ଏ ଧର୍ମ ନଗମ-ପ୍ରମାଣ ।
ଯେ ନ କରଇ ବେଦବାଣୀ । ନାନାପ୍ରକାରେ ଧର୍ମ ଶୁଣି ।
କରନ୍ତି ମୂର୍ଖବାକ୍ୟେ ରତ । ସେ ନର ନରକେ ପଡ଼ନ୍ତି ।
ଏହା ଅକର୍ମ ବୋଲି ଜାଣି । ବକର୍ମ ଶୁଣ ନୃପମଣି ।

ବେଦ କରନ୍ତ ବେଦପଥେ । ପାଷଣ୍ଡଗୁରୁ-ବାକ୍ୟମତେ ।
ନନନ୍ତ ବେଦବାକ୍ୟ ନତ୍ୟେ । ପାଷଣ୍ଡ-ବାଦ ଅନୁମତେ ।
ଉଭୟ ଲୋକ ତାର ନାହିଁ । ନଗଣେ ଥାନ୍ତ ଦୁଃଖ ସହି ।
ବକର୍ମ ମତ ଏ ବଶ୍ୱର । ଏବେ ହୋ ଶୁଣ ନୃପବର ।
ଯେ କର୍ମ କହେ ବେଦମତେ । ଆନନେ ତାହା ଧଇ ଚତ୍ତେ ।
କର୍ମେ ସମ୍ପାଦ କର୍ମଫଳ । ଯେ ଭାବେ ହୃଦସ୍ ନର୍ମ୍ମଲ ।
ସେ ଫଳ କୃଷ୍ଣପାଦେ ଦେଇ । ଚିତ୍ତେ ଯେ ଭକ୍ତିଭାବ ବହି ।
ତାହାଙ୍କୁ ବୋଳ ମହାମନ୍ତ । ଦୁର୍ଲ୍ଲଭ ମୁକ୍ତି ସେ ଲଭନ୍ତ ।
ଏମନ୍ତ ଇଶ୍ୱରର ବାଣୀ । ବ୍ରହ୍ମବଚନେ ପରମାଣି ।
ବେଦ ଧରନ୍ତ ଶ୍ରୁତଫଳ । ଏ ଅଦ ଧର୍ମ ବୃକ୍ଷମୂଳ ।
ଏଣୁ ଏ ବେଦମାର୍ଗେ ଉଚ୍ଚ । ଏକାନ୍ତେ ବସ୍ତୁ ଅଛେ କଚ୍ଚ ।
ଗୁରୁବଚନ ପରମାଣେ । ବସ୍ତୁ-ଭକ୍ତ-ଜ୍ଞାନ୍ତବାଣେ ।
ଏଣୁ ଏ ମାସ୍ୱାଜାଲ ଛେଦ । ଚତ୍ତୁଁ ସଂଶସ୍-ଗନ୍ତି ରେଦ ।
ନର୍ଯ୍ୟେ ସଂସାରେ ଭ୍ରମନ୍ତ । ସେତନ୍ତୁ ମାସ୍ୱାରୁ ତରନ୍ତ ।
ଏବେ ହୋ ଶୁଣ ନରନାଥ । ଭକ୍ତିଲକ୍ଷଣ ପରମାର୍ଥ ।
ଗୁରୁବଚନ ଧଇ ଶିରେ । ଈଶ୍ୱରରୂପ ଅନୁସାରେ ।
ପ୍ରତିମା କଇ ନାନାମତେ । ଯେ ବସ୍ତୁବଧାନ-ଉକତେ ।
ଦାରୁ ପାଷାଣ ଧାତୁମସ୍ୟେ । ଲେଖ ଲେପନ ଯେତେ ହୁଏ ।
ଏ ଅଦ ଯେତେ ଅନୁମାନେ । ଅଗମ-ନଗମ-ବଚନେ ।
ଯେ ରୂପ ଦେଖି ରହେ ମନ । ଭାବେ ଭଜନ୍ତ ସାଧୁଜନ ।
ଏମନ୍ତେ ପ୍ରତିମା କରିବ । ଉତ୍ତମ ଶୁଭଗଚ୍ଛ୍ୟ ଥୋଇ ।
ନର୍ମ୍ମଲ ଜଳ-ନଦୀକୂଳେ । ନରୁପଦ୍ରବ ଭୂମିସ୍ଥଳେ ।
ନର୍ମ୍ମତ କଲ୍ପିତ ଆସନେ । ବସି ସ୍ଥାପିବ ଶୁଭମନେ ।
ଏ ଅଦ ନଗମ ବଚନେ । ଯେ ବା ମିଳବ ବର୍ତ୍ତମାନେ ।
କୁଣ ଚର୍ମାଦ ଆସନରେ । ବସିଣ ନଣ୍ଟଳ ମନରେ ।
ପ୍ରଥମେ ପବନ ନରୋଧ । ଯେ ବସ୍ତୁମତେ ଭୂତଶୁଦ୍ଧି ।
ପଞ୍ଚାଣବର୍ଣ୍ଣେ ଦେହ ନ୍ୟାସ । ଶ୍ରୀ ଗୁରୁ-ବଚନ-ପ୍ରକାଶ ।
ବାମ ପାରୁଣେ ଗୁରୁ ଥୋଇ । ଦକ୍ଷିଣେ ଅସ୍ତ୍ରଯିଂ ବସାଇ ।
ଏ ବେନ କଇ ନମସ୍କାର । ଗଙ୍ଗା ଯମୁନା ଗଣେଶ୍ୱର ।
ଏହାଙ୍କୁ ନମସ୍କାର ଅର୍ଥେ । ମନ୍ତ୍ରେ ଅକ୍ଷତ ଦେଇ ହସ୍ତେ ।
କରିବ ଦଶଦଗ ରକ୍ଷା । ଯେ ଦଗବନ୍ଦୀ ମନ୍ତ୍ରସାକ୍ଷା ।
ପୂଜାର ଉପହାର ଭାବେ । ସେବା ମିଳବ ଯଥାଲାଭେ ।
ପ୍ରଥମେ ଜଳ ଅର୍ଘ୍ୟକର । ଶଙ୍ଖେ ଅକ୍ଷତ ପୁଷ୍ପ ଉଚ୍ଚ ।
ଅଙ୍ଗ ମେଦନା ଦ୍ରବ୍ୟମାନ । ସେ ଜଳେ କରିବ ପ୍ରୋକ୍ଷଣ ।

ଆଧାର ଆଦଶକ୍ତି ଆନେ । ପୂଜବ ନଷ୍ଟଳ ଅସନେ ।
ହୃଦୟ-ପଦ୍ମ-ଅଧୋସ୍ଥାନେ । ଘୁସ୍ପେ ପୂଜବ ମନ୍ତ୍ରଆନେ ।
ଧର୍ମାଦ ଚତୁର ଚରଣେ । ପାର୍ଶ୍ୱେ ଅଗ୍ନେୟି ପରମାଣେ ।
ମଧ୍ୟେ କମଲଦଳ ଯେତେ । କର୍ଣ୍ଣିକା କେଶର ସହିତେ ।
ସ୍ୱମନ୍ତେ ରବ ସୋମାନଳ । ପୂଜବ ତ୍ରିଗୁମ୍ଫ ମଣ୍ଡଳ ।
ସତ୍ୟାଦ ଗୁଣେ ନ୍ୟାସ କରି । ମଧ୍ୟେ ପୂଜବ ଅମ୍ବାଗ୍ନେ ।
ଚତୁର ଦନ୍ତ ଶକ୍ତି ନବ । ପୂଜାଦ ଆନେ ତା ପୂଜବ ।
କେଶର-ମୂଳେ ମନ୍ତ୍ର ସ୍ମରି । ଆନେ ପୂଜବ ମୁଦ୍ରା ଧରି ।
ପ୍ରତମା ଦେହେ ନଜଅଙ୍ଗେ । ନ୍ୟାସ କରବ ମନ୍ତ୍ରଭାଗେ ।
ହୃଦରେ ମନ୍ତ୍ରନ୍ୟାସ କର । ଆନେ ପୂଜବ ନରହର ।
ଅର୍ଘ୍ୟ-ଚନ୍ଦନ-ପୁଷ୍ପଶୁଦ୍ଧି । ଆସନ-ଆଚମନ-ବସ୍ତ୍ର ।
ଧୂପ-ଦୀପାଦ-ବସ୍ତ୍ରମାନ । ନୈବେଦ୍ୟ ଦ୍ରବ୍ୟ ସମର୍ପଣ ।
ଅଙ୍ଗ ଉପାଙ୍ଗ ଆଦ ଯେତେ । ପୂଜବ ପାରିଷଦ ମତେ ।
ବସ୍ତ୍ର ଭୂଷଣ ଆଦ ଯେତେ । ମନ୍ତ୍ରେ ପୂଜବ ଶୁଦ୍ଧଚତ୍ତେ ।
ଏମନ୍ତେ ପୂଜ ନରହର ! ପ୍ରଣାମ ଦଣ୍ଡବତ କର ।
କୃଷ୍ଣଙ୍କୁ ନମି ପୁଣ ପଚ୍ଛେ । ଈଶ୍ୱର ନମିବ ପ୍ରତ୍ୟକ୍ଷେ ।
ଆନେ କୃଷ୍ଣଙ୍କୁ ଶିରେ ଧର । ମନ୍ତ୍ର ହୃଦସ୍ପଦ୍ମେ ଭର ।
ଏମନ୍ତେ ନତ୍ୟ ପୂଜାକର । ଦୃଢ଼େ ଭକତ ହୃଦେ ଧର ।
ପ୍ରତମା ନ ପାଇବ ଯେବେ । ଶୁଣ କହିବା ପୂଜାଭାବେ ।
ସୂର୍ଯ୍ୟେ ଅନଳେ ଈବା ଜଳେ । ଅଥବା ହୃଦସ୍-କମଳେ ।
ଯେବେ ନ ପାରେ ଏତେ ମତ । ଗୁହ୍ୟେ ଯେ ଅତଥି ଅଗତ ।
ତାହାଙ୍କୁ ବସ୍ତୁଭାବେ ମଣି । ପୂଜବ ଦେଇ ଅନ୍ନପାଣି ।
ଏମନ୍ତେ ବସ୍ତୁ-ପୂଜା କର । ଏ ଭକଜଲି ଯାଏ ତର ।
ସୁଖ ପ୍ରସନ୍ନ ନରବସ୍ତ୍ର । ହେଲେ ଲଭଇ ସଙ୍ଗ ସିଦ୍ଧି ।
ଏ ଭାବେ ଈଶ୍ୱରର ବାଣୀ । ଏହା ଯେ ଏକାଦଶେ ଶୁଣି ।
କୃଷ୍ଣେ କରଇ ଦୃଢ ଭକ୍ତି । ନୁହଇ ମାସ୍ୟାପାଶେ ଗ୍ରସ୍ତ ।
ଖଣ୍ଡଇ ଭକଇସ୍ ଶାସ । କହଇ ଜଗନ୍ନାଥ ଦାସ ।
ନର୍ମ୍ମଳ ଭାଗବତ-ବାଣୀ । ଶୁଣି ତରବେ ଇବଁ ପ୍ରାଣୀ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ କର୍ମ୍ମଯୋଗକଥନେ
ପୂଜାବସ୍ତ୍ରବର୍ଣ୍ଣନଂ ନାମ ଚତୁର୍ଥୋଽଧ୍ୟାୟଃ ।

(12)

Sk. XI, Ch. V. (Same subject continued.)

ଶୁଚ୍ଛୋବାଚ

କହନ୍ତୁ ଶୁକ ମୁନିବର । ଶୁଣ ପରୀକ୍ଷ ନୃପବର ।
ରାଜା ବୋଲଇ ମନେ ଗୁଣି । ମୁନଙ୍କ ଉତ୍ତୁ ପରମାଣି ।
ନିର୍ଗୁଣ ନିରଞ୍ଜନ ହର । ଧରଣୀତଳେ ଦେହ ଧର ।
ଯେ କର୍ମ କଲେ ତ୍ରିଭୁବନେ । ଯେ ଅବତାର ଯେବାସ୍ଥାନେ ।
ସେ କଥା କହ ମୁନିଗଣ । ସନ୍ତୋଷ ହୁହେ ମୋ ଶ୍ରବଣ ।
ଏମନ୍ତେ ରାଜା ସାଧୁ-କଥା । ଶୁଣି ଦ୍ରବଡ଼ ଶୁଦ୍ଧଚେତା ।
ପ୍ରେମ ପୁଲକ କଲା ତନୁ । ଅଶ୍ରୁ ଗଲଇ ତା ନପ୍ତନୁ ।

ଦ୍ରବଡ଼ ଉବାଚ

ବୋଲଇ ଶୁଣ ମହାନାଥ । ଅଶେଷ କୃଷ୍ଣର ଚରିତ ।
କେ ତାହା ଅନୁମାନ କରି । ମୁଖେ କହିବ ଚତ୍ତେ ଧରି ।
ବାଳକ ସମ ବୁଦ୍ଧି-ଜ୍ଞାନ । ଜଗତେ ଅଛୁ କେବା ଜନ ।
ପଣ୍ଡିତପଣେ ବାଦ କରି । ହୃଦରେ ଅହଙ୍କାର ଭରି ।
କହିବ କୃଷ୍ଣ-ଗୁଣ ବଳେ । କେ ଅଛୁ ଭୁବନ-ମଣ୍ଡଳେ ।
ମୃତ୍ତିକାଖଣ୍ଡ ତୃଣ୍ଡି କରି । ଯେ ଗଣିପାରେ ମନେ ଧରି ।
ସେ କାହିଁ ହରର ମହିମା । ମୁଖେ କହିବ ଗୁଣ-ସୀମା ।
ବ୍ରହ୍ମାଣ୍ଡ ରଚି ପଞ୍ଚଭୂତେ । ଅଂଶେ ତାହାର ମଧ୍ୟଗତେ ।
ପଶେ ବରାହରୂପ ଧରି । ଆଦ ଅନନ୍ତ ନରହରି ।
ତିନିଭୁବନ ଦେହେ ଧରେ । ସୃଷ୍ଟି-ପାଳନ-ଅନ୍ତ କରେ ।
ପ୍ରଥମେ ରଚ୍ଛୋଗୁଣ ଧରି । ବଧାତାରୂପେ ଅବତରି ।
ସୃଷ୍ଟି କରଇ ନାନାମତେ । ବସ୍ତୁ-ବିଧାନ ବେଦତତ୍ତ୍ୱେ ।
ପାଳଇ ଯଜ୍ଞପତିରୂପେ । ଜୀବ ଖେଳଇ ମୋହକଲ୍ପେ ।
ଈଶ୍ୱରରୂପେ ତମୋଗୁଣେ । ଦହଇ ସୃଷ୍ଟି ସଂହାରଣେ ।
ଯେ ଗୁଣମୟ ନିରାକାର । ଏଣୁ ତ୍ରିଗୁଣ ରୂପ ତାର ।
ପୂର୍ବେ ଯେ ଦକ୍ଷ ପ୍ରଜାପତି । ତାର କୁମାରୀ-ନାମ ମୂର୍ତ୍ତି ।
ଧର୍ମ୍ମର ପତ୍ନୀ ଯେ ଯୁଗତେ । ବସ୍ତୁ ଯାହାର ଗର୍ଭଗତେ ।
ଅରୂପ ହୋଇ ରୂପଗଣି । ସେ ନରନାରାୟଣ ଋଷି ।
ତପ ଅରମ୍ଭି ଘୋରବନେ । କସିଲେ ବଦରୀଅଶ୍ରମେ ।
କଳ୍ପେ ପର୍ଯ୍ୟନ୍ତ ତପ କରି । ମନ ପବନ ହୃଦେ ଧରି ।
ଦେଖି ତାହାଙ୍କ ତପ ଘୋର । ସ୍ୱର୍ଗେ କମ୍ପିଲା ସୁନାଶୀର ।
ଇନ୍ଦ୍ର ଚଳିଲ ପୁରନ୍ଦର । ନଷ୍ଟେ ଘେନିବ ମୋର ପୁର ।
ମୋ ପଦ ହଇବ ଏ ବଳେ । ଏମନ୍ତ ଭାଳ ସେ ବକଲେ ।

ବଶ୍ୱର ଦେବଙ୍କ ସଙ୍ଗତେ । ତପ ସମାପ୍ତ ହବୁ ଅର୍ଥେ ।
ଉପାସ୍ୟ କଲା ଶଙ୍ଖପତ୍ତ । ଯେଣୁ ସ୍ୱଭାବେ ମନ୍ଦମତ୍ତ ।
କନ୍ଦର୍ପ ଗଲ ପୁରନ୍ଦର । ବୋଇଲା ଯାଅ ମର୍ତ୍ତ୍ୟପୁର ।
ବସନ୍ତ ପବନକୁ ଗ୍ରହିଁ । ବୋଲଇ ସଙ୍ଗେ ଚଳ ତୁହ୍ନ ।
ତୁଚ ସ୍ୱଭାବେ ମନ ଗଳ । ଘେନଣ ଅପସରାବୃନ୍ଦ ।
କୋକଳ-ଧ୍ୱନ-ଗୀତ ସ୍ୱନେ । ନୃତ୍ୟ କରବ ବଦ୍ୟମାନେ ।
ନାନା ପ୍ରକାରେ ମନ ହର । ତପ-ସମାପ୍ତ ଭଗ୍ନ କର ।
ବହନ ଆସ ସ୍ୱର୍ଗସ୍ଥାନେ । ଏମନ୍ତ ଇନ୍ଦ୍ରର ବରନେ ।
ମଧୁରଧ୍ୱନ ଗୀତ-ସ୍ୱନେ । ମିଳଲେ ନାରସ୍ଥ-ସ୍ଥାନେ ।
ବସନ୍ତେ ପୁଷ୍ପିତ କାନନ । ଦେଖି ହରଇ ପ୍ରାଣିମନ ।
କନ୍ଦର୍ପ ନାରସ୍ଥଣେ ଗ୍ରହିଁ । ପୁଷ୍ପକୋଦଣ୍ଡେ ଗୁଣ ଦେଇ ।
ପଞ୍ଚ ନାରଚ ଅଡଡମେ । ବଜ୍ଜଲା କୃଷ୍ଣଙ୍କୁ ମରମେ ।
ଲଲତ ବହଇ ବସନ୍ତ । ଗଞ୍ଜର ନାଦେ ଶୁରେ ଗୀତ ।
ଦେଖିଣ ତାହାଙ୍କ ଉପାସ୍ୟ । ଧ୍ୟାନେ ଜାଣିଲେ ଦେବଗସ୍ୟ ।
ଇନ୍ଦ୍ର ଯେ ଈସ୍ୟ କର ଚତ୍ତେ । ମୋର ସମାପ୍ତ ଭଗ୍ନ ଅର୍ଥେ ।
ଏହାଙ୍କୁ ପେଷି ଉଦବେଗେ । ମନ ବଷାଦେ ଅଛୁ ସ୍ୱର୍ଗେ ।
ଏହା ବଶ୍ୱର ନାରସ୍ଥଣ । ବୋଇଲେ ଇନ୍ଦ୍ରଗଣେ ଶୁଣ ।
ରଙ୍ଗଅଧରେ ମନ୍ଦହସି । ତାହାଙ୍କୁ ବୋଲନ୍ତ ଅଣ୍ଟାସି ।
ଈସ୍ୟ ନ କର ତୁମ୍ଭେ ଚତ୍ତେ । ଉପାସ୍ୟ କର ନାନାମତେ ।
ମୋହର ତପ ଭଗ୍ନ କର । ଇନ୍ଦ୍ରକୁ ଯେବେ ତୁମ୍ଭେ ଡର ।
ଅଜ ତୁମ୍ଭର ଆଗମନ । ଧନ୍ୟ ମଙ୍ଗଳ ମୋର ସ୍ଥାନ ।
ଏମନ୍ତ କହୁ ଭଗବାନ । ତତ୍କ୍ଷଣେ ହୋଇଲେ ମଉନ ।
ତା ଦେଖି ଇନ୍ଦ୍ରଗଣ ଡରେ । ନମିଲେ ବଶ୍ୱଙ୍କ ପଦ୍ମରେ ।
ଈସ୍ୟେ କମ୍ପନ୍ତ ମୁଖ ଗ୍ରହିଁ । ବୋଲନ୍ତ ଶୁଣ ଭାବଜାସ୍ଥା ।
ଏ ଯେ ବଚନ କଥା ତୋର । ତୁ ଧର୍ମ ପରୁ ନସ୍କାର ।
ନଗୁର୍ଣ ନର୍ବିକାର ଦେସ୍ଥା । ପ୍ରକୃତ ତୋତେ ନଜାଣଇ ।
ତୋହ୍ନର ଅଇସ୍ୟ ଚରଣ । ସେବନ୍ତ ଆତ୍ମଜ୍ଞାନଗଣ ।
ଯୋଗିଙ୍କ ହୃଦସ୍ୟ-କମଳେ । ତୋହ୍ନର ଅସନ ନଶ୍ଚଳେ ।
ତୋର ଚରଣେ ଯେ ସେବନ୍ତ । ଦେବେ ତାହାକୁ ବପ୍ର ଚନ୍ତ ।
ବୋଲନ୍ତ ଜପ-ଯଜ୍ଞ-ତ୍ୟାଗୀ । ଏ ଯେ ହୋଇବ ମୋକ୍ଷଭାଗୀ ।
ଏଣୁ ଡରନ୍ତ ଦେବଗଣ । କରନ୍ତ ବପ୍ର ଆଚରଣ ।
ଯେ ଅନ୍ୟ ଦେବତା ଭଜନ୍ତ । ତାହାକୁ ବପ୍ର ନ କରନ୍ତ ।
ସମସ୍ତେ ମିଳ ଅଗ୍ନି-କୁଣ୍ଡେ । ଘୃତ ସମିଧ ଭଷି ତୁଣ୍ଡେ ।
ଯଜ୍ଞ ଭୋଜନେ ସୁଖେ ଥାନ୍ତ । ତାହାକୁ ଦସ୍ୟ ସେ କରନ୍ତ ।

ଯେ ତୋର ଚରଣେ ସେବନ୍ତ । ସକଳ ଧର୍ମ ସେ ତ୍ୟଜନ୍ତ ।
ଏକାନ୍ତଚତ୍ତେ ସୁଖେ ଥାଏ । ଅନ୍ୟ ଦେବଙ୍କୁ ନ ଗଣଇ ।
ତେଣୁ ସେ ଦେବେ କୋପଚ୍ଚରେ । ବଘ୍ର ଅଚରନ୍ତି ତାହାରେ ।
ଯେ ତୁମ୍ଭ ଚରଣେ କଙ୍କର । ତାହାକୁ ତୁମ୍ଭେ ଦସ୍ତାକର ।
ବଘ୍ର ତାହାଙ୍କ ପାଦେ ନମେ । ଅନ୍ୟ ସଂସାରେ ଯାଇ ତୁମେ ।
କ୍ଷୁଧା ପିପାସା ଶୀତ ଜ୍ୱର । ଦୁର୍ଜ୍ଜୟ ଶୋକ ଭସ୍ଙ୍କର ।
ମଦନ ଲୋଭ ଅଦ ଅମ୍ଭେ । ଥାଉଁ ନରତେ ପ୍ରାଣିସଙ୍ଗେ ।
ବଘ୍ର ଅଚରୁ ଶଙ୍ଖପଣେ । ଯେ ଧର୍ମ କରେ ଅନୁକ୍ଷଣେ ।
ଆମ୍ଭର ହିଂସା ଏହିମତ । ଯେ ପ୍ରାଣୀ ତୁମ୍ଭର ଭକତ ।
ତାହାଙ୍କୁ ଦେଖି ଅମ୍ଭେ ଡର । ସେ ପ୍ରାଣୀ ଭବଁ ଯାନ୍ତ ଦୂର ।
ବାଲୁଙ୍କା ଝୋଟେ ଜଳ ଥିଲେ । ତାହା ଯେସନେ ଲଙ୍ଘି ଭଲେ ।
ସେ ଘୋର ତପ ଅଚରନ୍ତ । ତାହାଙ୍କୁ ଅମ୍ଭେ ବଘ୍ର ଗନ୍ତ ।
କଠୋର ତପ କର ନାଶ । ଯେ ହୋନ୍ତ କାମଲୋରେ ବଶ ।
ଛଡ଼ନ୍ତ ତପ ଧର୍ମ ରପ୍ତେ । ପଡ଼ନ୍ତ ବଶ୍ୱ ମାସ୍ତା ମୋହେ ।
ଏମନ୍ତ କହିଁ ଇନ୍ଦ୍ରଗଣେ । ବଶ୍ୱ ସମୀପେ ତତକ୍ଷଣେ ।
ଅଦ୍ଭୁତ ନାଗ୍ତା ରୂପରାଶି । ବଳୁଲୀ ଯେହ୍ନେ ମେଘୁଁ ଖସି ।
ସେବନ୍ତ ନାଗସ୍ପର୍ଶ ପାଣେ । ତା ଦେଖି ଇନ୍ଦ୍ରଗଣ ଶ୍ୱାସେ ।
କମ୍ପନ୍ତ ଜୀବନ କାତରେ । ନସ୍ତନ ବୁଜ ଦୁଇ କରେ ।
ସେ ରୂପରାଶି ଦେହ ଗନ୍ଧେ । ଅଘ୍ରାଣ କର ନାସାରନ୍ଧ୍ରେ ।
ହରଲା ତାହାଙ୍କର ମନ । ରୂପକୁ ଗ୍ତହିଁ ହତଜ୍ଞାନ ।
ମୋହେ ପଡ଼ିଲେ ମହାସ୍ଥଳେ । କନ୍ୟାଙ୍କ ରୂପ ଗନ୍ଧବଳେ ।
ତା ଦେଖି ପ୍ରଭୁ ବ୍ରହ୍ମରାଶି । ରଙ୍ଗ ଅଧରେ ମନ୍ଦ ହସି ।
ବୋଲନ୍ତ ଦେବଗଣେ ଗ୍ତହିଁ । ରପ୍ତ ନ କର ତୁମ୍ଭେ କେହି ।
ମୋର ନକଟେ କନ୍ୟା ଯେତେ । ଅଛନ୍ତ ସେବା ଅନୁମତେ ।
ତାହାଙ୍କ ପାଦେ ସେବା କର । କନ୍ୟା ଗୋଟିଏ ମାଗ ବର ।
ସେ ଯେବେ ଦ୍ୟନ୍ତ ଏକ ନାଗ୍ତା । ତା ସେନ ଚଳ ସ୍ୱର୍ଗପୁଗ୍ତା ।
ସେ ହେଉ ସ୍ୱର୍ଗେ ଅଲଙ୍କାର । ରୂପେ ମୋହିବ ପୁରନ୍ଦର ।
ତକ୍ଷଣେ ଅଜ୍ଞା ଶିରେ ଧଇ । କନ୍ୟାଙ୍କ ପାଦେ ସେବା କଇ ।
କନ୍ୟାଏ ଲଇ ତାଙ୍କ ମଧ୍ୟେ । ସ୍ୱର୍ଗେ ମିଳଲେ ଅପ୍ତମାଦେ ।
ଇନ୍ଦ୍ର ସମୀପେ ଦେଲେ ନେଇ । ଉବ୍ଦଶୀ ନାମ ଯେ ବୋଲାଇ ।
ଦେଖି ସାନନ୍ଦ ପୁରନ୍ଦର । ରୂପେ ମୋହଲା ସ୍ୱର୍ଗପୁର ।
ପ୍ରଣାମ କର ଶଚୀନାଥ । କହଲେ ସକଳ ବୃତ୍ତନ୍ତ ।
ଇନ୍ଦ୍ର ଅନନ୍ଦ ତାହା ଶୁଣି । ନଣ୍ଟେ ଜାଣିଲା ବଜ୍ରପାଣି ।
ବଶ୍ୱସ୍ ଛଡ଼ି ଦମ୍ଭ ମନେ । ରହିଲା ଇନ୍ଦ୍ର ନଜସ୍ଥାନେ ।

ଏବେ ହୋ ଶୁଣ ନରେଶ୍ୱର । ବାମ୍ଭର ଅଂଶେ ଅବତାର ।
ପରମହଂସ ରୂପ ହୋଇ । ଅଶେଷ ଜ୍ଞାନମୟ ଦେଖି ।
ଯେ ଅବା କଲେ ଏ ଜଗତେ । ଏବେ ତୁ ଶୁଣ ଏକଚତ୍ତେ ।
ବୃଜ୍ଞସ୍ୟେ ବତ୍ତସ୍ୟେସ୍ ହୋଇ । ଜ୍ଞାନ ମଙ୍ଗଳ ପୂର୍ଣ୍ଣ ଦେଖି ।
ବ୍ରହ୍ମାର ମନ ଅବତର । ଚତୁଃସନକ ରୂପ ଧର ।
ପୁଣି ଋଷଭ ଅବତାର । ଅମ୍ଭେ ହେ ତାହାଙ୍କ କୁମର ।
ସେ ପୁଣି ହସ୍ତ୍ରୀବ ହୋଇ । ସେରୂପେ ବେଦ ଉଦ୍ଧାରଇ ।
ମଧୁକୈଟଭ ସଂହାରଲେ । ବ୍ରହ୍ମାଙ୍କୁ ସଙ୍କଟ ତାରଲେ ।
ପଞ୍ଚମେ ମୀନରୂପ ହୋଇ । ଧରଣୀ ନାବ ସଙ୍ଗେ ବହ ।
ପ୍ରଲସ୍ ଜଳେ ଶଙ୍ଖା ମାର । ସେ ରୂପେ ନଗମ ଉଦ୍ଧାର ।
ପ୍ରଲସ୍ ବୃଷ୍ଟିଜଳେ ତୃପି । ଭୂମି ପାତାଳେ ଥଲା ପଶି ।
କୂକର ରୂପ ଧର ହଇ । ଭୂମି ତୋଇଲେ ଦନ୍ତୋପର ।
ଇନ୍ଦ୍ର ସମ୍ପଦ ଲାର ଅର୍ଥେ । ଦେବ ଦାନବ ଅନୁମତେ ।
ଗଭୀର କ୍ଷୀରସିନ୍ଧୁ ମଧ୍ୟେ । ମନ୍ଦର ଅଣି ସୁଖସାଧେ ।
ଜଳେ ପକାଇ ମହାଗିରି । ହର ତା କୂର୍ମ୍ମରୂପେ ଧରି ।
ଅମୃତ ଅଦ ନାନା ଦ୍ରବ୍ୟ । ଇନ୍ଦ୍ରକୁ ଦେଲେ ହର ସଙ୍ଗ ।
ଗଜ କୁମ୍ଭୀର ଯୁଦ୍ଧକାଳେ । ସେ ହର ରୂପ ଅଗ୍ରଗଲେ ।
ଚକ୍ରେ କୁମ୍ଭୀର ମୁଣ୍ଡ ହାଣି । ଗଜ ଉଦ୍ଧାର ଚକ୍ରପାଣି ।
କଶ୍ୟପଋଷି ଯଜ୍ଞମେଳା । ପାଠିସହସ୍ର ବାଲଖିଲ୍ୟା ।
ଜତ୍ୟେ ଗଲନ୍ତ ବନ ଦାଣ୍ଡେ । କାଠ ବହନ୍ତ କଦ୍ଧେ ମୁଣ୍ଡେ ।
ଘନେକ ଘେନ ଏକଡ଼ାଳେ । ପାଠିସହସ୍ର ଏକମେଳେ ।
ବହୁ ଅଶକ୍ତ ବାହୁବଳେ । କୁଡ଼ିଲେ ଗୋସ୍ପଦସଲଳେ ।
ସମସ୍ତେ ହୋଇ ଏକମୁଖ । ଡାକନ୍ତ ନାରସିଂହ ରଖ ।
ଦେଖିଣ ତାହାଙ୍କ ବକଳ । ଦସ୍ୟାସାଗର ଆଦମୂଳ ।
ଭକ୍ଷଣେ ଦବ୍ୟରୂପ ଧର । ବସ୍ତୁକୁ ସଙ୍କଟ ଉଦ୍ଧର ।
ଦେବ ଅସୁର ଯୁଦ୍ଧକାଳେ । ବାସବ ଜଳ ଉଜ୍ଜବଳେ ।
ବଜ୍ରେ ଛେଦଲା ବୃଶକନ୍ଧ । ଦେଶୁ ଲଇଲା ବ୍ରହ୍ମବଧ ।
ବଶ୍ଚ କଲା ମନେ ଦୁଃଖ । ଡାକଲା ନାରସିଂହ ରଖ ।
ଭକ୍ଷଣେ ଧର୍ମରୂପ ଧର । ଇନ୍ଦ୍ରକୁ ସଙ୍କଟ ଉଦ୍ଧର ।
ସତ ଉଦ୍ଧାର ହେଉ କର । ନୃସିଂହେ ହିରଣ୍ୟ ସଂହାର ।
ଦସ୍ୟାସାଗର ଦାମୋଦର । ଦାନ ସେନଲେ ତ୍ରିନପୁର ।
ଅଦ୍ଭୁତ ବାମନ ଶରୀରେ । ମିଳଲେ ବଳ ଯଜ୍ଞଦ୍ୱାରେ ।
ସେରୂପେ ମୋହ ତାର ମନ । ଦାନେ ହରଲେ ତ୍ରିଭୁବନ ।
ପାଦେ ତାହାର ଶିର ଚପି । ପାତାଳପୁରେ ନେଇ ସ୍ଥାପି ।

ଇନ୍ଦ୍ରର ମନ କଲେ ଶୁଦ୍ଧ । ମୁଖେ ସେ ବୁଞ୍ଚଇ ଦୁର୍ଦ୍ଧର ।
ସେ ପୁଣି ଉଗୁବଶେ ହଇ । ପରଶୁରାମ ରୂପ ଧର ।
ଏକବିଂଶତିବାର କୋପେ । ଅବନୀ ଭ୍ରମି ବଣ୍ଟରୂପେ ।
କ୍ଷତ୍ରିପୁଲ ସଂହାରଣ । କଲେ ଅନାଦ ନାରପ୍ରଣ ।
ବୁକଣ ରାମରୂପେ ମାର । ସଙ୍କଟୁ ଜାନକୀ ଉଦ୍ଧର ।
ଧରଣୀ ମଧ୍ୟେ ଯଶ ଥୋଇ । ପ୍ରାଣୀ ତରଇ ଯାହା ଗାଇ ।
ପୁଣି ଅନନ୍ତ ଅବତାରେ । ହଳ ମୁଷଳ ଧର କରେ ।
ଘୋର ଦାନବ ଦର୍ପ ହର । ମୁଖେ ପ୍ରାପିଲେ ବମୁକଣ୍ଠ ।
ପ୍ରବୋଧ ବୁଦ୍ଧ ଅବତାରେ । ଜ୍ଞାନ ବସ୍ତାର ଏ ସଂସାରେ ।
ଅଣ ଅଘୋହ କଲ୍କିରୂପେ । ମ୍ଲେଚ୍ଛ ସଂହାର ମହାକୋପେ ।
ଏମନ୍ତ ନାନାରୂପ ଧରେ । ସେ ହର ଜଗତେ ବହରେ ।
କେ ତାର ଗୁଣ କର୍ମ ମୁଖେ । ସଂଖ୍ୟା କରିବ ଶତକଲ୍ପେ ।
କେ ଅବା କହିବ ସଂକ୍ଷେପେ । ତୋ ପ୍ରଶ୍ନ ତୋହର ସମୀପେ ।
ନାରଦ ବସୁଦେବ ମେଳେ । ଶୁକ ପରୀକ୍ଷ ଗଙ୍ଗାକୂଳେ ।
ଏ ଷଡ଼ ପ୍ରଶ୍ନେ ଏକାଦଶ । କହିଲା ଜଗନ୍ନାଥ ଦାସ ।
ଶ୍ରୀଭାଗବତ ଧର୍ମକଥା । ଶୁଣି ଖଣ୍ଡିବ ମନୋବ୍ୟଥା ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ନବମ
ନବବପ ସମ୍ବାଦେ ନାମ ପଞ୍ଚମୋଽଧ୍ୟାୟଃ ।

(13)

ବର୍ଣ୍ଣଭେଦ-ଭକ୍ତିଯୋଗ (Sk. XI, Ch. VI).

ବଦେହ ଉବାଚ

ବୋଲଇ ବଦେହ-ରାଜନ । ତୋ ମୁନ ଶୁଣ ମୋ ବଚନ ।
ଏ ଭୂମିମଧ୍ୟେ ଦୁଷ୍ଟଲୋକେ । ବସ୍ତୁକୁ ନ ଉଚ୍ଚଉ ଥୋକେ ।
କାମ ସଂକଳ୍ପ ଲୋଭେ ଜଡ଼ି । ଅଜ୍ଞାନ ମୋହେ ଥାଉ ପଡ଼ି ।
ଧର୍ମ ଅଧର୍ମ ନ ଜାଣଉ । ଅଗ୍ରେ ଲଉଉ ଅଧୋଗତ ।
ଏ ବଡ଼ ସଂଶୟ ମୋ ହୃଦେ । ଛେଦ କଲୁଷ ଜ୍ଞାନଭେଦେ ।

ଚମସ ଉବାଚ

ଚମସ ଶୁଣି ତା ବଚନ । କହନ୍ତ ସଭା ବଦ୍ୟମାନ ।
ବସ୍ତୁର ମୁଖ ଉଚ୍ଚ ଉରୁ । ଅଭୟ ପାଦପଙ୍କଜରୁ ।
ବାହ୍ମଣ ଅଦ ବୈରବର୍ଣ୍ଣେ । ଜନ୍ମିଲେ ସ୍ୱଭାବେ ତ୍ରିଗୁଣେ ।
ଏଣୁ ସେ ବସ୍ତୁ ପିତା ମାତା । ଗୁରୁ ବାନ୍ଧବ ଇଷ୍ଟଦାତା ।
ଏମନ୍ତ ସ୍ୱାମୀ ସେବା ତେଜେ । ଲୋଭେ ସେ ଅନ୍ୟଦେବ ଭଜେ ।

ସେ ପ୍ରାଣୀ ପଛଡ ପାମର । ଅନ୍ଧେ ପଡ଼ଇ ତମ ଘୋର ।
ବଦନ ଥାଉଁ ହରି-ବାଣୀ । ମୁଖେ ଯେ ନ ବୋଲନ୍ତି ପ୍ରାଣୀ ।
ନାମ ନ ଶୁଣନ୍ତି ଶ୍ରବଣେ । ଯେ ଥାନ୍ତି ପାପ-ଅଚରଣେ ।
ମ୍ଲେଚ୍ଛ ପଡତ ଦୁରାଚାର । ସ୍ତ୍ରୀ ଶୂଦ୍ର ଅଦ ଯେତେ ନର ।
ସେ ଯେବେ ସାଧୁଙ୍କୁ ଦେଖନ୍ତି । କଲୁଷ-ପଙ୍କୁ ଉଦ୍ଧରନ୍ତି ।
ବ୍ରହ୍ମ କ୍ଷତ୍ରିୟ ବୈଶ୍ୟ ଜନ । ସ୍ୱଭାବେ ଧନ୍ୟ ତନ ବର୍ଣ୍ଣ ।
ବିଷ୍ଣୁ-ଚରଣ ସନ୍ନିଧାନେ । ଏ ଥାନ୍ତି ନଗମ ବଚନେ ।
ବ୍ରାହ୍ମଣ ବେଦ ପଠି ବଳେ । କୁଳ-ପଦ୍ମଦ ଧନଲଭେ ।
ମଲ୍ଲଇ କରି ଅହଂକାର । ସ୍ମରେ ବହଇ ବେଦଭାର ।
ଧର୍ମ ଅଧର୍ମ ମାର୍ଗ କହ । ଅମ୍ଭାକୁ ପଣ୍ଡିତ ବୋଲାଇ ।
ସଭାର ମଧ୍ୟେ ଗୁରୁ କହ । ହସି ହସାଇ ଜନ ମୋହ ।
ସ୍ୱଭାବେ ରଜୋଗୁଣେ ଖଣ୍ଡେ । ସଂକଳ୍ପ କରେ କର୍ମକାଣ୍ଡେ ।
ଧନ ତନୟ ସୁଖ ଆଶେ । ଶଙ୍କର ଅନ୍ଧେ ନର୍କେ ପଶେ ।
ଅଲପ କାର୍ଯ୍ୟେ କ୍ରୋଧ ବହ୍ନେ । କାଳ ଭୁଜଙ୍ଗ ପାଏ ହୁଏ ।
ସ୍ୱଭାବେ କାମ କ୍ରୋଧ ବଳେ । ନତ୍ୟେ ଅସାଧୁ ସଙ୍ଗେ ମିଳେ ।
ଏଣୁ ସେ ବହୁ ଆଦ ବର୍ଣ୍ଣି । ପାପୀ ଦୁର୍ଜନ ମତ୍ସ୍ଥାନ ।
ବିଷ୍ଣୁ ଜନଙ୍କୁ ଦେଖି ପାଶେ । ନନା କରଇ ଉପହାସେ ।
ହସି ବୋଲଇ ହାସ୍ୟ ବାଣୀ । ନଇଁଛି କୃଷ୍ଣ-କଥା ଶୁଣି ।
ଗୃହେ ଗୃହଣୀ ଅଙ୍ଗ ସଙ୍ଗେ । ଚଉ କୁଡ଼ାଇ କାମଭୋଗେ ।
ଅଣା ବନ୍ଧନେ ଧନ ସଞ୍ଚେ । ମାସ୍ୟାସଂକଳ୍ପେ ଦନ ବଞ୍ଚେ ।
ପିଣ୍ଡ ପରାଣ ତୃଷାମାନ୍ତେ । ପଣୁ ହଂସଇ ହଂସାଣାସ୍ଥେ ।
ବେଦ ଉଦ୍ଦେଶେ ଜନ୍ତୁ ମାର । ଯୂଜଇ ନାନା ଯଜ୍ଞ କର ।
ଦାନ ଦକ୍ଷିଣା ବିପ୍ରଜ୍ଞାନେ । କୁକର୍ମ କରଇ ଅଜ୍ଞାନେ ।
ପଣୁ-ମାରଣେ ପାପ ଯେତେ । ଦେଖି ନ ଦେଖଇ ଅଗତେ ।
ସମ୍ପଦେ ବଡେ ଅଭିମାନ । ଐଶ୍ୱର୍ଯ୍ୟ-ମଦରେ ମଗ୍ନ ।
ବଦ୍ୟା-ପଠନ-ଦାନ ବଳେ । ସମ୍ପଦ ଦେଖଇ ନଷ୍ଟଳେ ।
ସମ୍ପଦମଦେ ଅନ୍ଧ ହୋଇ । ସାଧୁ ଅସାଧୁ ନଗଣଇ ।
ବିଷ୍ଣୁ ବୈଷ୍ଣବ ଜନ ଗୁହିଁ । ନନା କରଇ ଗଳ କହି ।
ଏ ଭାବେ ସଙ୍ଗ ନାଶ କରେ । ନରକେ ପଡ଼ଇ ନର୍ତ୍ତରେ ।
ସକଳ ଜୀବ ମଧ୍ୟେ ହର । ବସେ ଅନନ୍ତ ରୂପ ଧର ।
ବିଷ୍ଣୁର ମାସ୍ୟାମାଣ ଭ୍ରାନ୍ତ । ଏହା ପାମରେ ନ ବୁଝନ୍ତ ।
ଯାର ମହିମା ବେଦ ଭଣେ । ଯୋଗୀନ୍ଦ୍ର ଯେ ହର-ଚରଣେ ।
ନତ୍ୟେ ନର୍ମଳ ଚତ୍ତେ ଚନ୍ତ । ଧ୍ୟାନ ଧାରଣେ ନ ଦେଖନ୍ତ ।
ସେ ହର ନ ଭଜଇ ଚତ୍ତେ । କୁବୁଦ୍ଧି ଭାବ ଅବରତେ ।

କୁସ୍ମିତ-କଥା-ରତ ନତ୍ୟେ । ନାନା କ୍ଲପଥ ମନୋରଥେ ।
ମନ ଭ୍ରମଇ ଭ୍ରମୁଥାଇ । ଦୁର୍ଗମ ପଥ ନ ଚଇନ୍ ।
ନାସ୍ତି ସେବନ ମାଂସ ମଦେ । ଲୋକବେଦ୍ଧର ଅନୁବାଦେ ।
ବେଦ ନ କହେ ଯାହା ମୁଖେ । ପ୍ରାଣୀ ତା କରେ ଆମ୍ଭାମୁଖେ ।
ଧର୍ମ ଅଧର୍ମ ବେନପଥେ । ବେଦ କହ୍ନଇ ଯାହା ନତ୍ୟେ ।
ଅବ ଇଶ୍ୱର ଆଜ୍ଞା ବହୁ । ଏଥୁ ଅଥିକ କେବା କହୁ ।
ସେ ବେଦପଥ ଛାଡି ବଲେ । କର୍ମ କରଇ ଆମ୍ଭାଭୋଳେ ।
ବଦ୍ଧ ସଂଯୋଗେ ଅନୁବନ୍ଧେ । ନାସ୍ତି ସେବଇ କାମଅନ୍ଧେ
ଛାଡି ନ ପାର ଘ୍ରାନଚତ୍ତେ । ସେବଇ ମଦ ମାଂସନତ୍ୟେ ।
ପଶୁ ମାରଇ ସଜ୍ଞଲକ୍ଷ୍ୟେ । ଯେ ବେଦ-ବଥ୍ଥ ପିଉପକ୍ଷେ ।
ଏ ବେନ ବେଦବଥ୍ଥ-ବାଣୀ । ନତ୍ୟେ ଅସତ୍ୟ ପରମାଣି ।
ଯେବେ କରବ ଧର୍ମମତେ । ଯେ ବେଦବଥ୍ଥ ଅନୁମତେ ।
ବେଦ-ନଷେଧ ଏ ପ୍ରମିଦ୍ଧି । ବହ୍ନା ନ ଜାଣେ ପଶୁବୁଦ୍ଧି ।
ଧନ ଅର୍ଜ୍ଜନେ ଧର୍ମ କର । ଧର୍ମେ ପ୍ରାପତ ନରନ୍ଦର ।
ଧନ ଅର୍ଜ୍ଜନେ ଦେହ ଧରେ । ମରଣ-ସଂକଟେ ନ ଡ଼ରେ ।
ଯଦ୍ୟପି ସଜ୍ଞର ବଧାନ । ମାଂସ ଭକ୍ଷଣ ପୁରାପାନ ।
ତଥାପି ମୁଗ୍ଧ ବେଦମତେ । ଆଘ୍ରାଣ କର ନାସାଗତେ ।
କେବେହେଁ ନ କରବ ପାନ । ଏ ବଥ୍ଥ ବେଦର ବଧାନ ।
କେବଳ ସଜ୍ଞେ ପଶୁ ବଧ । ଅନ୍ୟଥ ବଧେଟି ପ୍ରମାଦ ।
ନାସ୍ତି ସଙ୍ଗମ ଭ୍ରମତେ । କେବଳ ପୁତ୍ରଜନ୍ମ ଅର୍ଥେ ।
ଅନ୍ୟଥା ରତ ମୁଖମତେ । ପ୍ରସଙ୍ଗ ନ କର ଏକାନ୍ତେ ।
ଜୀବର ସୁଧର୍ମ ଏ ବାଣୀ । ସକଳ ବେଦବାକ୍ୟେ ଭଣି ।
ବହ୍ନା ନ ବୁଝି ମୂଢ଼ ପ୍ରାଣୀ । ଦୁଃଖକୁ ସୁଖ ପ୍ରାପ୍ତ ମଣି ।
କରଇ ଜ୍ଞାନଘ୍ନ କର୍ମ । ଏଣୁ ସଂସାରେ ହୁଏ ଭ୍ରମ ।
ମୂର୍ଖସ୍ୱଭାବ ମୂଢ଼ ପ୍ରାଣୀ । ଅମ୍ଭାକୁ ପଣ୍ଡିତ କଖାଣି ।
କେବଳ ଦେବତା ବଣ୍ଟାପେ । ନ ଜାଣି ସଜ୍ଞେ ପଶୁ ହଂପେ ।
ପଶୁଏ ଥାଉ ପଶୁମେଳେ । ତାର ଜୀବନ ଅଳ୍ପକାଳେ ।
ଧର ଭକ୍ଷନ୍ତ ତାର ମାଂସ । କେବଳ ଅସ୍ଥି ରହେ ଶେଷ ।
ଯାହାକୁ ମାର ମୁଖଭୋଳେ । ସେ ତାକୁ ହଂପେ ଅଳ୍ପକାଳେ ।
ଏଣୁ ପଣ୍ଡିତଜନ ମଥେ । ପାପ ଲଭଇ ପଶୁବଧେ ।
ସକଳ ଜୀବେ ନରନ୍ଦର । ବସଇ ଅମ୍ଭାରୂପ ଧର ।
ସମେ ବସଇ ସଜ୍ଞଦେହେ । ମୂଢ଼ ନ ଜାଣେ ମାୟାମୋହେ ।
ସ୍ୱଭାବେ ମୁଗ୍ଧ କଳେବର । ଦେହକୁ ବୋଲଇ ମୋହର ।
ମୁଖାନୁରବେ ଜୀବ ମାରେ । କେବଳ ବଷ୍ଣୁ ଦ୍ରୋହ କରେ ।

ଦୁଃଖ ପଡିବ ବୋଲି ଡାରେ । ପଡ଼େ ନରକ-ଅନ୍ଧକାରେ ।
ପଣ୍ଡିତପଣେ ବାଦ ଚନ୍ତି । ଦମ୍ଭେ ନ ବୁଝେ ମୋକ୍ଷଗତି ।
ବଞ୍ଚିବ ହୁଏ ବଞ୍ଚି ନାମ । ସଞ୍ଚଇ ଧର୍ମ ଅର୍ଥ କାମ ।
କରଇ ନାନାକର୍ମ ଜଡ଼େ । ଚଳେ ନ ରହେ ସ୍ଥିରଚିତ୍ତେ ।
କର୍ମେ ହରଇ ପ୍ରାଣି-ପ୍ରାଣ । ତାହାର କାହିଁ ପରିତ୍ରାଣ ।
ଚତ୍ତେ ନ ବହେ ଦସ୍ପା ଶାନ୍ତ । ତାହାକୁ ବୋଲ ଅମ୍ପାପାନ୍ତ ।
ପାଷଣ୍ଡଭାବେ ଅନୁମାନ । ଅମ୍ପାକୁ ବୋଲେ ତତ୍ତ୍ୱଜ୍ଞାନୀ ।
ମନ କଳ୍ପଇ ଯେତେ ଫଳେ । ଦଇବ ହରେ ତାହା ବଳେ ।
ବଞ୍ଚିତ ଇହ ପରଲୋକେ । ଜଡ଼େ ବଞ୍ଚଇ ମହାଦୁଃଖେ ।
ଦୁଃଖେ ସଞ୍ଚିତ ଦାର ସୁତ । ଧନ ସମ୍ପଦ ପଶୁ ଭୃତ୍ୟ ।
ଏ ସବୁ ଛଡ଼ି ଅନ୍ତକାଳେ । ଚଲଇ ଜଳ ପାପଫଳେ ।
ନରକେ ପଡ଼ି ଦୁଃଖ ଭୁଞ୍ଜେ । ଯମ-ଯାତନା ଘୋରଯୁଦ୍ଧେ ।
ହର-ବମୁଖ ଯେଉଁ ପ୍ରାଣୀ । ନ ତରେ ଭବ-ଭରଙ୍ଗିଣୀ ।
ଏମନ୍ତ ମୁନିବାକ୍ୟ ଶୁଣି । ଗଙ୍ଗା ବୋଲଇ ମନେ ଗୁଣି ।

ଗଙ୍ଗୋବାଚ

ଭୋ ମୁନ ପ୍ରଭୁ ଭଗବାନ । ଯୁଗାନୁସାରେ କହେ ନାମ ।
ବର୍ତ୍ତିହିଁ ଯୁଗ ଅନୁସାରେ । ଭକତ ଭଜନ ପ୍ରକାରେ ।
କେବଣ ଯୁଗେ କେଉଁରୂପେ । ଶଙ୍କର ବହେ ମାସ୍ୟାକସ୍ତେ ।
ଜୀବ ଉଦ୍ଧାରେ ଚକ୍ରପାଣି । କରଭାଜନ ବୋଲେ ଶୁଣି ।

କରଭାଜନ ଉବାଚ

ବୋଲଇ ଶୁଣ ନରନାଥ । ଅଶେଷ କ୍ଲେଶର ତରତ ।
କଳି-କଲୁଷ-ସଂହାରଣ । ଯେ କରେ ଶ୍ରବଣ କୀର୍ତ୍ତନ ।
ଯେ ରୂପ ବହେ ସେ ସ୍ୱଭାବେ । ସ୍ୱେତା ଦ୍ୱାପର କଇଯୁଗେ ।
ଇଚ୍ଛାନୁସାରେ ଅବତରେ । ସ୍ୱଭାବେ ନାନାରୂପ ଧରେ ।
ବଶ୍ୱ-ବଧାନ ନାନାମତେ । ସେ ରୂପ ପୂଜନ୍ତି ଜଗତେ ।
ଯେ ଯୁଗେ ଯେବା ଅବତାର । ଯେ ନାମ ବର୍ତ୍ତି ଦାମୋଦର ।
ମୁଖେ ବହରେ ନରଲୋକେ । ଶୁଣ କହିବା ଏକେ ଏକେ ।
ପ୍ରଥମେ ଶୁକ୍ଳବର୍ଣ୍ଣ ଦେହେ । ଜଟା-କଳାପ ମୁଣ୍ଡେ ବହେ ।
ଦେହେ ଉତ୍ତରୀ ଅକ୍ଷମାଳ । ବସନ ବୃକ୍ଷର ବଲ୍କଳ ।
ଅଜାନୁଲମ୍ବେ ଭୁଜଦ୍ୱୟ । ଦିବଣ୍ଡ କମଣ୍ଡଳୁଧାରୀ ।
ଏମନ୍ତ ରୂପ ଭଗବାନ । ଦେଖି ପୂଜଲେ ସାଧୁଜନ ।
ଯେ ହଉ ସଜ୍ଜନ-ହିତ । ଶୁଚି ପବନ ଶାନ୍ତ ଦାନ୍ତ ।
ତପ ଅଚରି ଶମ ଦମେ । ପ୍ରାଣ ସଂଯମି ମହାଶମେ ।

ଯେ ରଙ୍ଗେ ଡାହ୍ନାଙ୍କ ଚରଣେ । ବୈକୁଣ୍ଠ ସମ୍ପୂର୍ଣ୍ଣ ଲକ୍ଷଣେ ।
ଧର୍ମସ୍ୱରୂପ ନାରାୟଣ । ଏବେ କହିବା ନୃପ ଶୁଣ ।
ଦବ୍ୟ ସ୍ୱରୂପ ଭଗବାନ । ପରମାନନ୍ଦ ଦବ୍ୟ ଜ୍ଞାନ ।
ଏ ରୂପ ଧରେ ସତ୍ୟଯୁଗେ । ଭକ୍ତ-ଜନ-ଅନୁରାଗେ ।
ଶୋଣିତ ବର୍ଣ୍ଣ ତ୍ରେତାଯୁଗେ । ବସ୍ତ୍ର ସମ୍ବୃତ ଭୂମିଭାଗେ ।
ସୁନ୍ଦର ଚତୁର୍ଭୁଜ ଧରେ । ସୁବର୍ଣ୍ଣବର୍ଣ୍ଣ କେଶ ଶିରେ ।
ପଦ୍ମ ମେଖଳା ଉତ୍ତରୀ । ସୁନ୍ଦର ଶ୍ରୁବ ସ୍ରୁକ ଧରି ।
ଯଜ୍ଞମୂରତି ଦାମୋଦର । ସଙ୍ଗଦେବତା କଳେବର ।
ଅଶେଷ-ଭୁବନ-ଈଶ୍ୱର । ଅଙ୍କାଜନେ ଅଗୋଚର ।
ସେ ରୂପ ଦେଖି ବହୁଗଣେ । ଭଗମପଥ ଅତିରଣେ ।
ଯଜ୍ଞେ ପୂଜଲେ ଭଗବାନ । ଯେ ଯଜ୍ଞ ବେଦର ବଧାନ ।
ସେ ବସ୍ତ୍ର ଯଜ୍ଞ ପୁଣି ଗଈ । ସ୍ୱଭାବେ ନାମ ସଙ୍ଗଦେବ ।
ସେ ଉରୁକ୍ରମ ବୃଷାକପି । ଏମନ୍ତ ନାମ ନତ୍ୟ ଜପି ।
ଦ୍ୱାପରପୁଗେ ଶ୍ୟାମବର୍ଣ୍ଣ । ପୀତବସନ ପରଧାନ ।
ନଜ ଅସ୍ତ୍ର ନଜଳରେ । ଶ୍ରୀବତ୍ସ କୌସ୍ତୁଭ ଉରରେ ।
ଏ ଅଦ ଲକ୍ଷଣେ ଲକ୍ଷିତ । ଅଶେଷ ଭୁବନେ ପୂଜିତ ।
କାମଲୁ ନନ୍ଦେ କଳେବର । ସମ୍ପଦ ଗଜଗଜେଶ୍ୱର ।
ସେ ରୂପ ଦେଖି ମୁନଜନେ । ପୂଜନ୍ତ ଯଜ୍ଞ ମନ୍ତ୍ର ଧ୍ୟାନେ ।
ସେ ସଙ୍ଗ ଦେବମସ୍ତ ହର । ପୂର୍ଣ୍ଣଶବଦେ ସ୍ତୁତକର ।
ଶ୍ରୀ ବାସୁଦେବ ନମୋଽସ୍ତୁତେ । ଶଙ୍କରଷଣ ବୋଲ ତୋତେ ।
ପ୍ରଦ୍ୟୁମ୍ନ ଅନରୁଦ୍ଧ ରୂହ । ଏ ଚତୁରରୂପ ଏକଦେହୀ ।
ନମସ୍ତେ ପ୍ରଭୁ ଜଗନ୍ନାଥ । ଯାର ଶସ୍ତାର ଏ ଜଗତ ।
ତୁ ବଣ୍ଡନାଥ ବଣ୍ଡପତ । ମହାପୁରୁଷ ସଙ୍ଗତ ।
ଦ୍ୱାପର ଯୁଗରେ ଏମନ୍ତେ । ବସ୍ତ୍ରଙ୍କୁ ପୂଜନ୍ତ ଜଗତେ ।
ଦ୍ୱାପରଯୁଗ ଶେଷକାଳେ । କଳି ଅଗମ ଅନ୍ତରାଳେ ।
ରୂପ ପ୍ରକାଶେ ଚକ୍ରପାଣି । ଯେସନେ ଇନ୍ଦ୍ରନୀଳମଣି ।
କୃଷ୍ଣମୂରତି ଭଗବାନ । କେବଳ ନାମ-ସଂକୀର୍ତ୍ତନ ।
କୃଷ୍ଣର ରୂପ ଗୁଣ ଯେତେ । ଧ୍ୟାନେ ନବ୍ରେପି ଶୁଦ୍ଧଚତ୍ତେ ।
ପ୍ରତମା କର ନାନା ମତେ । କୃଷ୍ଣ ପୂଜନ୍ତ ଯଜ୍ଞସୂତ୍ରେ ।
ଅଙ୍ଗ ଉପାଙ୍ଗ ମନ୍ତ୍ର ତନ୍ତ୍ରେ । ବସ୍ତ୍ରର ପାରଷଦ ଯେତେ ।
ସକଳ ପୂଜ ସାକଧାନେ । ସ୍ତୁତ କରବ ଏ ବଚନେ ।
ହେ ମହାପୁରୁଷ ମୁକୁନ୍ଦ । ବନ୍ଦେ ତୋ ଚରଣାରବିନ୍ଦ ।
ମୁନ କରନ୍ତ ଯାର ଧ୍ୟାନ । ହରଇ ପଗଲବମାନ ।
ଅଭୀଷ୍ଟଫଳ କାମଧେନୁ । ତୀର୍ଥନବାସ ଯା ଚରଣୁ ।

ଭବ ବରଞ୍ଚି ଯାକୁ ଚତ୍ତେ । ସ୍ମୃତ କରନ୍ତି ଅବରତେ ।
ଶରଣଜନର ରକ୍ଷଣ । ଭକ୍ତ-ଅରତ-ନିବାରଣ ।
ପ୍ରଣୀତଜନ ଯେ ପାଇଲ୍ । ଏ ଭବଜଳେ ନାବ ହୋଇ ।
ଯେ ଗଜଲକ୍ଷ୍ମୀ ଦେବଗଣେ । ଧ୍ୟାନେ ଚିନ୍ତନ୍ତି ଅନୁକ୍ଷଣେ ।
ମନୁଷ୍ୟଦେହ ମର୍ତ୍ତ୍ୟେ ଧର । କେ ଅବା ପାରେ ଦୂର କର ।
ପିତୃବଚନ ଶିରେ ଧର । ଯେ ରାଜ୍ୟ ଦୂରେ ପରିହର ।
ଧର୍ମିଷ୍ଠଗୁଣେ ପଣି ବନେ । ଯଜ୍ଞିତ ପ୍ରିୟାର ବଚନେ ।
ଧାଇଁଲା ମାୟାମୃଗ ଅର୍ଥେ । ବନ-ଗହନ-ଘୋରପଥେ ।
ସେ ପଦେ ମୋର ନମସ୍କାର । ଧ୍ୟାନେ ଖଣ୍ଡଇ ଭମଘୋର ।
ଯୁଗଲ୍ ଯୁଗ ଏହିମତେ । ପରମାନନ୍ଦ ଏ ଜଗତେ ।
ଧରଣୀ ମଧ୍ୟେ ଅବତର । ଭ୍ରମଇ ନାନାରୂପ ଧର ।
ସେ ରୂପ ଯୂଜ ନର ନାଶ । ମାୟା-ସଂସାରୁ ଯାନ୍ତି ତର ।
ଯେ ପ୍ରାଣୀ ପଣ୍ଡିତ ବୋଲଇ । ଗୁଣଜ୍ଞ ସଜ ସାରଗ୍ରାହ୍ମି ।
ସକଳ ଶାସ୍ତ୍ର ଅନୁମାନେ । ନର୍ମଲଚତ୍ତେ ମହାଜ୍ଞାନେ ।
ବେଦ ବଗ୍ଦ ବ୍ରହ୍ମଭାଗ । ସେ ବୋଲେ ଧନ୍ୟ କଲଯୁଗ ।
ବ୍ରାହ୍ମଣ ଅଦ ଗ୍ଦଵବର୍ଣ୍ଣେ । କୃଷ୍ଣର ନାମ ସଂକୀର୍ତ୍ତନେ ।
କଲକଲୁଷେ ଦୁଷ୍ଟଚତ୍ତେ । ଗୁହ୍ୟ-କଥଣେ ଅବରତେ ।
ନାନା ସଙ୍କଟେ ଯେବେ ଥାନ୍ତି । ସଂସାରେ ନାହିଁ ତାଙ୍କ ତ୍ରାଣ୍ତି ।
ଲବେ ନମିଷେ କ୍ଷଣେ ଲେଣେ । ଯେ ଅବା ଶ୍ରବେ ସେଉଁଦେଣେ ।
କୃଷ୍ଣର ନାମ ଉଚ୍ଚେ ଗାଇ । ରୋମପୁରକ ତନୁ ବହ ।
ନସ୍ନୁ ବହ ଅଶ୍ରୁଜଳ । ଲରଣ୍ତି କୋଟିତୀର୍ଥ ଫଳ ।
ଏ ବଡ଼ ଲାଭ ଏ ଜଗତେ । କୃଷ୍ଣଭଜନ ନାନାମତେ ।
ମୁଞ୍ଚେ ଉଚ୍ଚାର ନଚ ନଚ । ଅଶେଷ ପାପଁ ତରଯାନ୍ତି ।
ସତ୍ୟଯୁଗର ପ୍ରଜାଗଣ । ଭବଷ୍ୟମତେ ପରମାଣ ।
କର କଷ୍ତନ୍ତି ସୁଖଭୋଗ । ଅମ୍ଭେ ଜନ୍ମିବଁ କଲଯୁଗ ।
ବ୍ରାହ୍ମଣଅଦ ଗ୍ଦଵବର୍ଣ୍ଣେ । ତଇବେ ନାମ ସଂକୀର୍ତ୍ତନେ ।
ତାହାଙ୍କ ମଧ୍ୟେ ଅମ୍ଭେ ଥାଇ । ଗୁଣ୍ତେ ଗୋବନ୍ଦ ନାମ ଗାଇ ।
ଭକତମୁଖଁ କୃଷ୍ଣ ଶୁଣି । ତରବଁ ଭବତରଙ୍ଗିଣୀ ।
ଗୋବନ୍ଦ-ଚରଣାରବନ୍ଦ । ସ୍ମାରୁ, ସୁଗନ୍ଧ, ମକରନ୍ଦ ।
ମନଭ୍ରମରେ କର ପାନ । ଯେ ଅବା ଶ୍ରବେ ସାଧୁଜନ ।
ତାହାଙ୍କ ସଙ୍ଗେ ନିବସଣେ । ସେବବଁ କୃଷ୍ଣର ଚରଣେ ।
ଏମନ୍ତ ଚତ୍ତେ କର ଅଣା । କଲଜ କରନ୍ତ ପ୍ରଣଂସା ।
ମୁଞ୍ଚେ ଧରନ୍ତ କୃଷ୍ଣନାମ । ଶ୍ରବଣମାତ୍ରେ ଅଇଗମ ।
ପ୍ରବେଶ କର ପ୍ରାଣିମଧ୍ୟେ । ଜନ୍ମ-ମରଣ-ପଥ ଚ୍ଛେଦେ ।

ନାରଦ ଉବାଚ

ଏମନ୍ତେ ନବ ମୁନଗଣେ । ସଜାଲୁ ଯିହିଁ ଜଣେ ଜଣେ ।
କହିଲେ ଭାଗବତ ଧର୍ମ । ଯେରୂପେ ବିଷ୍ଣୁ-ସେବା-କର୍ମ ।
ଶୁଣି ସାନନ୍ଦ ଦଣ୍ଡଧାଣ୍ଡୀ । ଲୋମପୁଲକ ତନୁ କର ।
ନୟନୁ ଅଶ୍ରୁଜଳ ଝରେ । ନିର୍ମଳ ବାହ୍ୟ ଅଭ୍ୟନ୍ତରେ ।
ମୁନଙ୍କ ଚରଣେ ପୂଜଲା । ଅନନ୍ଦେ ନୟନ ବୁଜଲା ।
ଭକ୍ତିଣେ ସଦ୍ଭା ବଦ୍ୟମାନେ । ମୁନ ଚଲିଲେ ଅନ୍ତର୍ଦ୍ଧାନେ ।
ଯେ ଧର୍ମ କହିଗଲେ ମୁନ । ନମି ହୃଦରେ ତାହା ଘେନ ।
ଭାବ ହୋଇଲା ଉତ୍ତୁ ପାର । ଏବେ ହୋ ଶୁଣ ଯଦୁବୀର ।
ତୁ ଏବେ ଏହ ଧର୍ମ କର । ଅନ୍ତେ ଲଇବୁ ନରନ୍ତର ।
ତୁ ଧନ୍ୟ ଧନ୍ୟ ତୋ ଜୀବନ । ଯାହାର ପୁତ୍ର ଭଗବାନ ।
ଲଇଲୁ ପୂଜ ତପଫଳେ । ଏଣୁ ତୋ ଯଶ ମଣ୍ଡିତଲେ ।
ବଖ୍ୟାତ ହନ ଭୁବନରେ । ଯେ ଯଶ ଗାଇ ପ୍ରାଣୀ ତରେ ।
ଅସନ ଭୋଜନ ଶୟନେ । ନରତେ ଦେଖୁ ତୁ ନୟନେ ।
ଏ ମୋର ପୁତ୍ର ବୋଇ ଭୋଳେ । ଚୁମ୍ବନ ଦେଇ ଧରୁ କୋଳେ ।
ବ୍ରହ୍ମକୁ କରୁ ଅଭଙ୍ଗନ । ଏଣୁ ତୁ ବିରୁବନେ ଧନ୍ୟ ।
ଦନ୍ତ ନକଃ ବଦ୍ୟୁରଥ । ଶାଲୁ ସହତେ ତେଦନାଥ ।
କଂସ ମଗଧେଶର ଯେତେ । ଦୁଷ୍ଟ ଯେ ଥିଲେ ଭୂମିଗତେ ।
କୃଷ୍ଣେ ବଦ୍ଧୀଭାବ ବହ । ପଶିଲେ କୃଷ୍ଣ ଦେହେ ଯାଇ ।
ସେ ହରି-ଚରଣ-କମଳେ । ଯେ ତନ୍ତେ ସ୍ନେହଭାବଭୋଳେ ।
ତାହାର ଗତ କେବା ଜାଣି ! ବ୍ରହ୍ମା ଶଙ୍କର ପରମାଣି ।
କୃଷ୍ଣର ପୁତ୍ର ତୁ ନ ମଣ । ସେ ଯେ ଅନାଦ ନାରାୟଣ ।
ଅଦପୁରୁଷ ତୋର ଘରେ । ମାୟା ମନୁଷ୍ୟ ରୂପ ଧରେ ।
ହେଲେ ଅସୁରବଳ ମାର । ଅପର୍ଦ୍ଦୁ ଅବନୀ ଉଦ୍ଧାର ।
ସ୍ୱଭାବେ ଜନ୍ମ ଯାର ନାହିଁ । ମନ ବଚନେ ବେଦ କାହିଁ ।
ସେ ହରି ଦେବକୀ-ଉଦରେ । ଜନ୍ମ ଲଇଲେ ତୋର ଘରେ ।
ତୋ ଯଶ ଜଗତେ ବସ୍ତାର । ସେ ପୁଣି ପିବେ ବଳପୁତ୍ର ।
ଏମନ୍ତେ ନାରଦର ବାଣୀ । ଦେବକୀ-ବସୁଦେବ ଶୁଣି ।
ତନୁ ପୁଲକ ଲୋମଗଣ । ଭାବ ଗଦ୍ଗଦେ ଚକ୍ଷୁ ବୁଜ ।
କୃଷ୍ଣଙ୍କୁ ପୁତ୍ରଭାବେ ମଣି । କହୁ ନ ବୋଇ ହେଲେ ଊଣ ।

ଶ୍ରୀ ଶୁକ ଉବାଚ

ବୋଲନ୍ତି ଶୁକ ମୁନବର । ସେ ନବ ନୃପରକୁମର ।
ନମିର ଯଜ୍ଞଶାଳେ ଯାଇ । ଯେ ଇତହାସ ଗଲେ କହ ।

ଆନେ ଗୁପତ ପୁରାତନ । ବଶେଷେ ନାରଦ-କରନ ।
ଯେ ଏହା ଶ୍ରବଣେ ଶୁଣନ୍ତ । କ ଅବା ବଦନେ ଗୁଣନ୍ତ ।
ସକଳ ପାପପଙ୍କୁ ଉଚ୍ଚ । ଅନ୍ତେ ଲଭନ୍ତ ନରହରି ।
ଶ୍ରୀ ଏକାଦଶ ଭାଗବତ । କହିଲା ଦାସ ଜଗନ୍ନାଥ ।
ହର ଚରିତ ଗୀତକଙ୍କେ । ସଂକ୍ଷେପେ ଏକାଦଶସଙ୍କେ ।
ଅମୃତ ରସମସ୍ କୀତ । ଶୁଣନ୍ତେ ଜଗତ ପବିତ୍ର ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ବସୁଦେବ-
ନାରଦ ସମ୍ବାଦେ ବର୍ଣ୍ଣତ୍ରୈଦରକ୍ତିଯୋଗ କଥନଂ
ନାମ ପଞ୍ଚମୋଽଧ୍ୟାୟଃ ।

(14)

ଅବଧୂତ-ଯଦୁରାଜ-ସଂବାଦ (Sk. XI, Ch. X).

ଅବଧୂତ ଉବାଚ

ଶୁଣ ହେ ଯଦୁ ନୃପବର । ଯେ ଅବା ଅନୁଭବ ମୋର ।
ଗୁରୁ-ବଚନ ମୋର ଯେତେ । ସବୁ କହିବ ତୋ ଅଗ୍ରତେ ।
ଏ ଯେତେ ଦ୍ରବ୍ୟ ପରଗ୍ରହ । ତ୍ୟାଗ ଭୁ ସଙ୍ଗ ଦୁଃଖମୟ୍ ।
ଏ ଯେନ ଜ୍ଞାନୀ ଅଜ୍ଞନେ । ଜାଣ୍ଟନ୍ତେ ରହେ ସୁଖମନେ ।
ପକ୍ଷିଙ୍କ ମଧ୍ୟେ ବଳୀୟାର । ସ୍ୱଭାବେ ପ୍ରଚଣ୍ଡ କ୍ରୁରର ।
ଜତ୍ୟେ ମାରଇ ନାନା ପକ୍ଷୀ । ଜୀବନ ପୋଷେ ମାଂସ ଭକ୍ଷି ।
ତାର ମହିମା ଜନେ ଶୁଣି । ବନ୍ଦୀ କରନ୍ତି ଘରେ ଅଣି ।
ସେ ପୁଣି ଜତ୍ୟେ ପକ୍ଷୀ ମାରେ । ମାଂସ ଭକ୍ଷଇ ନେଇ ପରେ ।
କେବଳ ଶ୍ରମମାତ୍ର ସାର । ନ ରହେ ଭଚତ ଆହାର ।
ମୁହିଁ ତାହାର ଦୁଃଖ ଗହିଁ । ତା ଉହିଁ ଗୁରୁଶିକ୍ଷା ପାଇ ।
ନ କର ବସ୍ତୁ ପରଗ୍ରହ । ଏକା ଭ୍ରମଇ ଶୂନ୍ୟ ଦେହ ।
ନାହିଁ ମୋ ମନେ ଅପମାନ । ଘୃଣ, କଳଙ୍କ, ଗୃହ, ଧନ ।
ଆମ୍ଭାକୁ ରମଇ ମୁଁ ଜତ୍ୟେ । ଜାଣ୍ଟନ୍ତେ ଭ୍ରମଇ ଜଗତେ ।
ଶିଶୁର ନାହିଁ ପରାପର । ସମସ୍ତ ଏକଇ ବସ୍ତର ।
ଯେଣୁ ତା କଛ ଚିନ୍ତା ନାହିଁ । ତେଣୁ ମୁଁ ଗୁରୁ-ଶିକ୍ଷା ପାଇ ।
ଏବେ ହେ। ଶୁଣ ମନସ୍ଥିରେ । ଘୂଙ୍କେ ଯେ ଅବନ୍ତୀ ନଗରେ ।
ସୁସାଧୁ ସୁନ୍ଦର ଶରୀରେ । କନ୍ୟାଏ ସ୍ଥଳ ବସ୍ତଘରେ ।
ସେ କନ୍ୟା ବତ୍ତ-ଅର୍ଥେ ବର । ବସେ ମିଳଲେ ପାଞ୍ଚ ଗର ।
କନ୍ୟାର ପିତା ସଙ୍ଗମେଲେ । ବବାହ-ପ୍ରସ୍ତାବ ବଗ୍ଦେଲେ ।
ବସ୍ତର କର କନ୍ୟା ମାତା । ଜକଟେ ବସାଇ ଦୁହିତା ।

ବୋଲଇ କନ୍ୟା-ମୁଖ ଚାହିଁ । ତଣ୍ଡୁଳ ଅଶେ ଧାନ୍ୟ ଦେଇ ।
ବେଗେ ତୁ କୃଷ୍ଣ ଗୋଳ ଉଲ୍ଲ । ତା ଶୁଣି ବ୍ରାହ୍ମଣକୁମାରୀ ।
ଗୋଳ ମୁଷଳ ଏକକର । କୃଷ୍ଣ ବେନକରେ ଧର ।
ଭୁଜେ ତା ବଲ୍ୟ କଙ୍କଣ । କୃଷ୍ଣେ ଶୁଭେ ରୁଣ ଝୁଣ ।
ପୁଣି କୁମାରୀ ଲଙ୍କା ପାଇ । ଅଧେ କଙ୍କଣ ହସ୍ତ ଫେଇ ।
ପୁଣ କୃଷ୍ଣେ ଧୀରେ ଧୀରେ । ହସ୍ତ କଙ୍କଣ ନାଦ କରେ ।
କୁମାରୀ ମନେ ବଶ୍ୱରଇ । ସଙ୍ଗ-ଗନ୍ଧଳେ ଗୋଳ ହୋଇ ।
ଏମନ୍ତ ବଶ୍ୱରଣ ଥୋକେ । ପୁଣି ଫେରଲା ଏକେ ଏକେ ।
ବେନ କଙ୍କଣ ବେନ କରେ । କୃଷ୍ଣେ ଶବଦ ନ କରେ ।
ଯହିଁ ଅନେକ ସଙ୍ଗ ମିଳ । ଅବଶ୍ୟ ଉପୁଜଇ କଳ ।
ଏଣୁ କୁମାରୀ ଅନୁଗଗେ । ଗୁରୁବଚନ ଶିକ୍ଷା-ଭଗେ ।
ଏକାନ୍ତେ ଭ୍ରମୁଥାଇ ମୁହିଁ । କେବେହେଁ ସଙ୍ଗ ନ କରଇ ।
ଏଣୁମୁଁ ଅଭ୍ୟାସି ପବନ । ନଗେନ୍ଦ୍ର ଏ ଚଞ୍ଚଳ ମନ ।
ବୈରାଗ୍ୟ-ଯୋଗ-ଅଭ୍ୟାସନେ । ବୁଲଇ ଆତ୍ମା-ସଂଯମନେ ।
ନରର ପାଦେ ନବେଦନ । ତେଣୁ ନଶ୍ଚଳ ମୋର ଧ୍ୟାନ ।
ସ୍ୱଭାବେ ରଜୋଗୁଣ ଛଡ଼ି ସତ୍ତ୍ୱ ସଂଯୋଗେ ଚତ୍ତ ଜଡ଼ି ।
ସତ୍ୟକୁ ଜଣି ସତ୍ତ୍ୱଗୁଣେ । ନର୍ମାଣି ପରମ କାରଣେ ।
ନଶ୍ଚଳେ ଥାଇ ଶୁଦ୍ଧ ମନେ । ବାହ୍ୟ ଅନ୍ତରେ ସମରଣେ ।
ଯେ ସନେ ଶରକୃତ ପଥେ । ଶର ବଳଇ ହେଠମାଥେ ।
ତାର ନକଟେ ଗଚ୍ଛା ଗଲା । ସେ ତାହା ଜାଣି ନ ପାରଲା ।
ଏଣୁ ତାହାର ତହିଁ ଦେଖି । ମୁଁ ଏବେ ଗୁରୁଶିକ୍ଷା ଶିକ୍ଷି ।
ଏକାନ୍ତ ମୁନପ୍ରାସ୍ତ ଧୀରେ । ମୋ ଚତ୍ତ ନ ରହଇ ଘରେ ।
ଏଣୁ ମୁଁ ସାବଧାନ ଚତ୍ତେ । ନରତେ ଭ୍ରମଇ ଜଗତେ ।
ଯେତବେ ମତ୍ତନବୃତ୍ତା ନର । ନ ଛଡ଼େ ଉଚତ ବେଭାର ।
ଏ ଘେନ ଗୁହାରମ୍ଭ ଛଡ଼ି । ଅଲପ ଧନେ ମନ ବଢ଼ି ।
ପିତୃ-ଅତଥ୍ୟ-ସେବା-ଅର୍ଥେ । ଅଶ୍ୱର ଧ୍ରୁବ ଲୋକମତେ ।
ଆତ୍ମା-କାରଣେ ବ୍ୟର୍ଥ ଘର । କେବେହେଁ ନ କର ଉପର ।
ଶସ୍ତ୍ରର ରଖଇ-ମାତ୍ରେଲେ । ସର୍ପ ଯେସନେ ନାନାବଲେ ।
ଏଣୁ ମୁଁ ଦୁର୍ପଦ୍ଧାକ୍ଷା ଧର । ଗୁହ୍ୟସ୍ତ ଅଶ୍ରମ ନ କର ।
ଥସ୍ ନ କର ଏକସ୍ଥାନ । ବଞ୍ଚଇ ନାନାଙ୍ଗର୍ଥେ ଦନ ।
ଦେଖ ଏ ବସ୍ତୁ ମାସ୍ତା କର । ଜଗତେ ଖେଳଇ ମୁଗର ।
ପୁଣି ସଂହାର କାଳରୂପେ । ନଶ୍ଚନ୍ତେ ରହେ ଆତ୍ମାମୁଖେ ।
ସ୍ୱରାବେ ବୋଲଇ ଈଶର । ସେ ହଉ ସଙ୍ଗଶକ୍ତି ଧର ।
ପକୃତ-ପୁରୁଷ-ଅନ୍ତର । ସ୍ୱଭାବେ ନାହିଁ ପରାପର ।

ଉପାସ୍ୟ-ବର୍ଜିତ ଈଶ୍ୱର । ଯେଣ ବକାଶେ ଯେଉଁ ମାର ।
ସୃଷ୍ଟି ଇଚ୍ଛଇ ଯେତେ କେଲେ । ସୃଜଇ ମାୟା ଯୋଗବଳେ ।
ତିଗୁଣମୟୀ ବସ୍ତୁମାୟା । ବେଦ ବେଦାନ୍ତ କହେ ଯାହା ।
ସେ ମାୟା ନାନା ମୂର୍ତ୍ତି ଧଇ । ବ୍ରହ୍ମାଣ୍ଡ ମଧ୍ୟେ ଅଛ ପୂଇ ।
ସେ ମାୟାବଳେ ନାରସିଂହ । ଜଗତ କରେ ପୁଣ ପୁଣ ।
ଯେସନେ ଜାଣ ଉର୍ଣ୍ଣନାଭ । ଜଳ ବଦନୁ ସୃଜ ଭାବ ।
ଜାଲ ବର୍ମାଇ ରଖୁମୁଖେ । ମଧ୍ୟେ ବହରେ ନାନା ସୁଖେ ।
ଏକାନ୍ତେ ରହେ କ୍ରୀଡ଼ା କରେ । ସୃଷ୍ଟି-ଉଦସ୍ୱେ ତା ସଂହରେ ।
ଏରୂପେ ସୃଷ୍ଟି-ଲୀଳା କର । ସଂସାରେ ଖେଳେ ନରହର ।
ଏବେ ହେ। ଶୁଣ ନରପତ୍ତ । ସଂସାରେ ଜୀବଅମ୍ଭା-ଗତ ।
ଦେହ ବଯୋଗକାଳେ ଜନ୍ତୁ । ମନେ ଚନ୍ତ୍ରଇ ଯେତେ ହେଉ ।
ଏକାନ୍ତ ସ୍ୱେନ୍ତବଶ ଉସ୍ୱେ । ଜଣ୍ଟଳ ଥାନ ସହିଁ ରହେ ।
ଜନ୍ମଇ ସେହ୍ନ ରୂପ ଧଇ । ଯେସନେ ଜାଣ ପେଷକାଶ୍ଚ ।
ଜାଣ ଆଣଇ ନାନାରୂପେ । ଜଳ ଭୁବନେ ନେଇ ସ୍ଥାପେ ।
ସେ ଜାଣ ପ୍ରାଣଯିବାବେଳେ । ଯାହାକୁ ଦେଖିଥାଇ ଡୋଳେ ।
ଉସ୍ୱେ ଚନ୍ତ୍ରଇ ତାର ରୂପ । ଜନ୍ମଇ ଯେନ ସେହ୍ନରୂପ ।
ମୋହର ମନ ସେହ୍ନମତେ । କୃଷ୍ଣ-ଚରଣେ ଅବରତେ ।
ଜଣ୍ଟଳେ ଥାପି ଅବଧାନେ । ବୁଲଇ ମୁହିଁ ପର୍ଯ୍ୟଟନେ ।
ଏମନ୍ତେ ଗୁରୁ ମୋର ଯେତେ । ତାହାଙ୍କ ଉପଦେଶମତେ ।
କାସ୍ଟ, ବଚନ, ମନେ ଧଇ । ଭ୍ରମଇ ଅବମା ବହର ।
ଅମ୍ଭାର ଗୁରୁ ମଁ ଅପଣେ । ଡେଣୁ ଧରଇ ତାକୁ ମନେ ।
ଦେହରେ ଜନ୍ମ ମୃତ୍ୟୁ ଦୁଇ । ବସ୍ତୁ-ମାୟାରେ ପ୍ରବର୍ତ୍ତଇ ।
ଏ ବୋଲ ବୁଝି ମୋର ମତ । ଏ ଦେହିଁ ନ କରେ ଘୀରତ ।
ଅନେକ ଜନ୍ମ କର୍ମ ଭୋଗେ । ମୋହର ଜନ୍ମ କଇଗଯ୍ୟେ ।
ଉଦାସୀମତେ ଦେହେ ଥାଇ । ଗୁରୁଙ୍କ ଉପଦେଶ ଖାଇ ।
ପୁତ୍ର, କଲତ୍ର, ଦାସୀ, ଦାସେ । ଏହାକୁ ପୋଷି ଦେହ-ଅଣେ ।
ଦେହର ସଙ୍ଗେ ଏ ରହନ୍ତ୍ର । ମରଣେ କେହ ନ ଗମନ୍ତ୍ର ।
ଜସ୍ତ କର୍ମ ସଙ୍ଗ କର । ଅଳ୍ପ ଯେସନେ ସଞ୍ଚି ଧର ।
ବୃକ୍ଷଙ୍କ ଧର୍ମ ପ୍ରାସ୍ୱେ ଦେହା । ଅବଶ୍ୟ ଜନ୍ମିଲେ ମରଇ ।
ଏଣୁ ଅନତ୍ୟ ଦେହେ ମୁହିଁ । କେବେହେଁ ବଶ୍ୱାସ ନ ଯାଇ ।
ଇନ୍ଦ୍ରସ୍ୱେ ଏହାକୁ ଅବୋର । ଭୁଞ୍ଜନ୍ତ୍ର ଜଣେ ଜଣେ କର ।
ଶୁଣାନେ ମୃତପିଣ୍ଡ ଯେସ୍ତେ । ଶ୍ୱାନ ଶୃଗାଲଙ୍କ ବଦନେ ।
ରଥ-ଲାଳସେ ଜନ୍ମ ଧରେ । ଅହାର ଅର୍ଥେ କର୍ମ କରେ ।
ଜଳ ସ୍ୱଭାବେ ସଡ଼ରସେ । ଭ୍ରମଇ ନାନା ଦେଶେ ଦେଶେ ।

ତୃଷାର ଇଚ୍ଛାବଳେ ପୁଣି । ମାଗଇ ପୁଣୀଜଳ ପାଣି ।
ନ ପାଇ କରେ ବହୁ ତ୍ରାସ । ଏମନ୍ତେ ପ୍ରାଣ ଯାଏ ନାଶ ।
ଇନ୍ଦ୍ରିୟ ଧରେ ପୁଣି ବଳେ । ଭ୍ରମଇ ସେ ମୈଥୁନ-ଫଳେ ।
ଅମୃତଘାସ ଯୋନ ଦଶେ । ଏଣୁ ଭ୍ରମଇ କାମବଶେ ।
ଶୀତ ଉପତ-ଧର୍ମ ଧରେ । ଅଗ୍ନି, ପବନ ଅଶ୍ରେ କରେ ।
କ୍ଷୁଧା-ଅନଳେ ଧରେ ପେଟ । ଆମ୍ଭକୁ କରେ ଛଟପଟ ।
ଯାବତ ନ ପୂରେ ଉଦର । ତାବତ ଜ୍ଞାନ କାହିଁ ତାର ।
ଶ୍ରବଣ ଧରେ ପୁଣି ପୁଣି । ସ୍ତୁତି-ନନ୍ଦନ-ବାକ୍ୟ ଶୁଣି ।
ନାସିକା ଧରେ ଗନ୍ଧ-ଅଶେ । ଏଣୁ ଭ୍ରମଇ ଶୁଚବାସେ ।
ଚକ୍ଷୁ ଧରଇ ରୂପ ଅର୍ଥେ । ଏଣୁ ଭ୍ରମଇ ନାନାପଥେ ।
ଅନ୍ତ୍ରେ ଧରଇ କର୍ମଗ୍ରଣି । ବେଷ୍ଟିତ ହୁଏ କାଳଘାଣି ।
ଏଣୁ ଏ ସାଧାରଣ ଦେହେ । ଜ୍ଞାନୀକି ବସ୍ତୁଜ୍ଞାନ ନୁହେଁ ।
ବହୁତ ସପତଣୀ ଯେଣ୍ଟେ । ସ୍ୱାମୀ ମାରନ୍ତି ଅପମାନେ ।
ଜୀବର ଅଲପ ଶକତ । ଶତେ ଯୁବନ୍ତୀ ଏକପତ ।
କାମିନୀଗଣେ ବନ୍ଦୀ ହୋଇ । ସେ ଯେଣ୍ଟେ ଅଲପେ ମରଇ ।
ଏଣୁ ଏ ଦେହେ ମାୟା ଜଡେ । ନଜ ନସ୍ତାର-ପଥ ଛୁଡ଼େ ।
ଏଣୁ ଏ ବସ୍ତୁର ରଚନା । ଜ୍ଞାନହିଁ ବ୍ରହ୍ମାଦ କଳ୍ପନା ।
ଆମ୍ଭ-କ୍ରୀଡ଼ନେ ନରହରି । ପୂଙ୍କେ ଅନେକ ସୃଷ୍ଟି କରି ।
ସଂସାରେ ଖେଳ ନାନାମତେ । ସନ୍ତୋଷ ନ ପାଇଲା ଚତେ୍ତ ।
ଏଣୁ ମାନବ ସୃଷ୍ଟି କଲା । ଯହିଁ ବଶ୍ରାମ ସଙ୍ଗ ଲୀଳା ।
ବ୍ରହ୍ମାଦ ସକଳ ଶସ୍ତ୍ରରେ । ବଜ୍ଞାନ-ବପସ୍ୱ-ଗୋଚରେ ।
ମନୁଷ୍ୟ-ଦେହେ ଦବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।
ଅଶେଷି କୋଟି ଯୋନ ଭ୍ରମେ । ବପାକ ଅବଶେଷ କର୍ମେ ।
କେବଳ ସୁଖ-କର୍ମ-ଭାଗେ । ନଷ୍ଟେ ଗୋବନ୍ଦ ଅନୁରାଗେ ।
ଦୁର୍ଲ୍ଲଭ ମନୁଷ୍ୟ ଶସ୍ତ୍ରର । ସ୍ୱଭାବେ ଅନତ୍ୟ ସଂସାର ।
ଦେହ ଲଭଣ ମହାପୁଣ୍ୟେ । ଅନେକ ଶୁଭକର୍ମ ଫଳେ ।
ଭାଗ୍ୟେ ଦୁର୍ଲ୍ଲଭ ଦେହ ପାଇ । ଯାହାର ଜ୍ଞାନ ପ୍ରକାଶଇ ।
ଜଗତ ଦେଖି ବସ୍ତୁ ମସ୍ତେ । ସେ ଯେ ନ ପଡ଼େ ମାୟାମୋହେ ।
ମନୁଷ୍ୟ-ମୁଣ୍ଡେ ମୃତ୍ୟୁ ବସେ । ଆମ୍ଭକୁ ଅନୁକ୍ଷଣେ ତ୍ରାସେ ।
ଯାବତ ମୃତ୍ୟୁ ଅଛୁ ଦୂରେ । ସୁନ୍ଦର ଯୁବା କଳେବରେ ।
ସାଧୁବ ସକଳ ଶକତ । ଯେଣେ ଜଣୁବ ବସ୍ତୁ ଭକ୍ତି ।
ଏ ଜୀବ ବନ୍ଦୀ କର୍ମପାଶେ । ସାଧୁବ ବଚନ ଉଦ୍ଧାସେ ।
ଏରୂପେ ହୃଦସ୍ଥେ ନଙ୍କେଦେ । ଆମ୍ଭକୁ ଈଶ୍ୱର ପରେଦେ ।
ଦେଖିବ ଜ୍ଞାନଚକ୍ଷୁଦ୍ୱାରେ । ଦୁର୍ଲ୍ଲଭ ମନୁଷ୍ୟଶସ୍ତ୍ରରେ ।

ସକଳ ସଙ୍ଗ ପରିହର । ଏଣୁ ମୁଁ ଏହି ରୂପ ଧର ।
ମୁଦ୍ରରେ ଭେଳ ଅହଂକାର । ଅନନ୍ତେ ଭ୍ରମଇ ସଂସାର ।
ଏମନ୍ତେ କହି ଅବଧୂତ । ଅଟ ଗମ୍ଭୀର ଗୁଣଯୁତ ।
ଶୁଣି ଅନନ୍ତ ଯଦୁରାଜା । ତାର ଚରଣେ କଲ ପୂଜା ।
ସ୍ତୁତ କରନ୍ତେ ସାବଧାନେ । ବ୍ରାହ୍ମଣ ଗଲା ଅନ୍ତର୍ଦ୍ଧାନେ ।
ବଶ୍ୱର ତାହାର ବଚନେ । ରାଜା ପଶିଲା ଘୋରବନେ ।
ସକଳ ସଙ୍ଗ ଦୂରେ ଭେଳ । ଥାନେ ଗୋବନପାଦେ ରଜ ।
ଯୋଗେ ବନାଣି କଲେବର । ଲଭିଲା ଗୋବନ-ପୁର ।
ଉଦ୍ଧବ-କୃଷ୍ଣର ସମ୍ବାଦ । ଶୁଣନ୍ତେ ଖଣ୍ଡଇ ପ୍ରମାଦ ।
ପଶ୍ଚାଷେ ଶୁକମୁନ କହେ । ସୁଜନେ ଏଣେ କର ଲଘେ ।
ଏ ଚଉବଂଶ ଗୁରୁବାଣୀ । ଉଦ୍ଧବେ କହେ ଚକ୍ରପାଣି ।
ଏ କଥା ପରମ ଅନନ୍ତେ । ସଂକ୍ଷେପେ ଏକାଦଶସ୍କନ୍ଧେ ।
ପ୍ରାକୃତ ବନ୍ଧେ ଭାଗବତ । କହଇ ଦାସ ଜଗନ୍ନାଥ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଅବଧୂତ
ଯଦୁରାଜ ସମ୍ବାଦେ ନାମ ଦଶମୋଽଧ୍ୟାୟଃ ।

(15)

ଉଦ୍ଧବ-ଶ୍ରୀକୃଷ୍ଣ-ସଂବାଦ (Sk. XI, Ch. XI).

ଶ୍ରୀ ଭଗବାନୁବାଚ

କହନ୍ତ ପ୍ରଭୁ ପଦ୍ମପାଣି । ଶୁଣ ଉଦ୍ଧବ ସାଧୁବାଣୀ ।
ତୁ ଅଟ ଭକତ-ପ୍ରଧାନ । ତୋତେ ପ୍ରସନ୍ନ ମୋର ମନ ।
ମୁହିଁ କହିଲ ଧର୍ମ ଯେତେ । ଅଗମ-ନିଗମ-ଉକତେ ।
ସେ ଧର୍ମ ଦୃଢ଼ କର ମନେ । ସାଧନ କର ସାବଧାନେ ।
ଯେବଣ ଧର୍ମ କୁଳଧର୍ମ । ଯେ ବସ୍ତୁ, ଅଗ୍ନର ଅଗ୍ନମ ।
କର୍ମ କରବ କର୍ମ ଭେଳ । ସାତ୍ତ୍ୱିକ୍ୟେ ମୋର ପାଦେ ରଜ ।
ଜୀବକୁ ଦୟା ଶୁଦ୍ଧଚରେ । ମହାଗହନ ଏ ଜଗତେ ।
ଅରମ୍ଭମାନ ବଦଳଇ । ସଙ୍ଗ ବକାର ମାୟାମସ୍ୱୀ ।
ସ୍ୱପନେ ନାନା ଉପଭୋଗ । ସେ ଯେଣେ ଅମ୍ବାର ସଂଯୋଗ ।
ମଣଇ ସତ୍ୟପ୍ରାପ୍ତେ ତାହା । ଦୃଷ୍ଟିଶ୍ରବଣେ ବସ୍ତୁମାୟା ।
ଯେତେ ଦେଖଇ ନାନା ରଙ୍ଗେ । ବଫଳ ହୁଏ ନଦ୍ରାଭଙ୍ଗେ ।
ଏ ମାୟା ତ୍ରିଗୁଣେ ଜଡ଼ିତ । ବ୍ରହ୍ମାଦ ପ୍ରପଞ୍ଚ ଜଗତ ।
ଏଣୁ ପ୍ରକୃତି-ଧର୍ମ ଏଡ଼ି । ନିବୃତ୍ତି-ଧର୍ମେ ଚିତ୍ତ ଜଡ଼ି ।
ସାଧୁ-ସଙ୍ଗମେ ସେବା କର । ଧର୍ମେ ସାଧୁବ ଶିକ୍ଷାଧର ।

ସୁତ, କଲତ୍ର, ଧନ, ପ୍ରାଣ । ଯେ ମୋତେ କରେ ସମର୍ପଣ ।
ଏମନ୍ତେ ଗୁରୁସେବା କର । ଚିତ୍ତେ ମୋହିବ ରୂପଧର ।
ତେଜବ ମାନ ଅହଙ୍କାର । ମଦ-ମତ୍ସର ଯେ ବକାର ।
ସୁହୃଦ-ଭାବ ଶୁଦ୍ଧ ଚତ୍ତେ । ନର୍ମଲ ହୃଦସ୍ ବରୁତେ ।
ଜ୍ଞାନ-ଅର୍ଯ୍ୟାସେ ଅବରତ । ଚଞ୍ଚଳ ନ କରବ ଚତ୍ତ ।
ସମତା ଦୃଷ୍ଟି ସତ୍ୟ ଭାଷା । ନତ୍ୟ କରବ ଏଣେ ଅଣା ।
ଗଗନ ଯେପ୍ତେ ସଙ୍ଗଶୂନ୍ୟ । ସେ ରୂପେ ହୋଇ ଉଦାସୀନ ।
ବମୁକ୍ତବଦ୍ଧ ମନ୍ତ୍ରାଣସ୍ । ସମ୍ପଦ ବପଦ ସଂଣସ୍ ।
ସଙ୍ଗ ଦେଶିବ ବସ୍ତୁମସ୍ । ଧରବ ଉଦାସୀନ ଦେହ ।
କେବେହେଁ ନୁହଁ ଅଇମାଙ୍କ । ଅମ୍ବା-ପରତେ ଉତ୍ତୁଙ୍ଗମା ।
ଦେହକୁ ଦେଖୁଥିବ ଇତ୍ତେ । କାଷ୍ଠ ଯେସନେ ହୁତାଶନେ ।
ଏମନ୍ତେ ଗୁରୁବାକ୍ୟ ଜାଣି । ଅବସ୍ତୁ ପ୍ରାପ୍ ସଙ୍ଗ ମଣି ।
ଜଗତ ଦେଶି ବସ୍ତୁମସ୍ । ଛଡ଼ିବ ସକଳ ସଂଣସ୍ ।
କର୍ମକରଣେ ଫଳ ପାଇ । ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ।
ସ୍ୱତନ୍ତ୍ର ନୋହେ ସଙ୍ଗକାଳେ । ଦୁଃଖେ ଭ୍ରମଇ ଏ ଣସ୍ଳେ ।
ଜୀବର ଦେହେ ବଦ୍ଧ ପାଶ । କେବେହେଁ ନାହିଁ ସୁଖ ଲେଶ ।
ନଗୁଡ଼ ବନ୍ଧନ ପସ୍ତରେ । ବନ୍ଦୀ ଯେସନେ ବନ୍ଦୀଘରେ ।
କାଳ ବଞ୍ଚଇ ଦୁଃଖ ସହ୍ୟ । ମୂର୍ଖ ପଣ୍ଡିତ ରେଦ ନୋହ୍ୟ ।
ଦାରୁଣ ଦୁଃଖ, ସୁଖ ମଣେ । ଦୁଃଖକୁ ସୁଖପ୍ରାପ୍ ଗଣେ ।
ଏମନ୍ତେ ବୃଥା ଅହଙ୍କାରେ । ଜୀବ ଭ୍ରମଇ ନରନ୍ତରେ ।
ଏ ଯେବେ ଦୁଃଖ ସୁଖ ବୁଝେ । ସକଳେ ମୁକ୍ତ ସଙ୍ଗେ ପୁଣେ ।
ବୁଦ୍ଧି-ବବେକ-ଜ୍ଞାନବଳେ । ମରଣ ଜଣିପାରେ ହେଳେ ।
ଏହା ନ ବୁଝି ମୂଢ଼ଜନେ । ତପ କରନ୍ତ ଦୃଢ଼ମନେ ।
ଏହାର ପୂଜତପ-ଫଳେ । ଯଦ୍ୟପି ଅର୍ଥ-କାମ ମିଳେ ।
ତେବେହେ ଦୁଃଖ ନୋହେ ନାଶ । ଭୁଞ୍ଜନ୍ତେ ଲଭେ ବହୁ କ୍ଲେଶ ।
ଯାହାକୁ ବାନ୍ଧ ନେଇ ପଥେ । ଶ୍ମଶାନେ ଶିରଚ୍ଛେଦ ଅର୍ଥେ ।
ତାହାର ଯେତେ ସୁତ, ଅର୍ଥ । ରକ୍ଷଣେ ନୁହନ୍ତ ସମର୍ଥ ।
ସଂସାରେ ଦେଖି ଶୁଣି ଯେତେ । ବସ୍ତୁରେ ଦୁଃଖ ଏ ସମସ୍ତେ ।
ମାନ-ମତ୍ସର-ମୋହ-ଲୋଭ । ବନାଶ-ଅପଚସ୍-ଭାବ ।
ଏ ସଙ୍ଗ ଦୁଃଖର କାରଣ । ଉଦ୍ଧବ ଏହା ରଲେ ଜାଣ ।
କର୍ମ୍ମର ଫଳ ନାନାଗତ । ଏଣୁ ରୁ ବୁଝି ଦଅ ମତ ।
ବଧ୍ୟ-ବଧାନ ନାନା ଦାନ । ଯଜ୍ଞେ ଦେବତା-ଅରାଧନ ।
ସେ ପୁଣ୍ୟବଳେ ସ୍ୱର୍ଗେ ଯାଇ । ଭୁଞ୍ଜଇ ଦବ୍ୟ ଦେହ ବହୁ ।
ନାନା ପ୍ରକାରେ ସୁଖ ଯେତେ । ଭୋଗ କରଇ ନାନାମତେ ।

କର୍ମ୍ମ ନରତ ରହିରଥେ । ଫଳ ଭୁଞ୍ଜଇ ମନୋରଥେ ।
ଗନ୍ଧବ୍ବ-କନ୍ୟର-ଯୁବତୀ । ରଥ-ପାରୁଶେ ପଶ୍ରି ପଶ୍ରି ।
ବବଧ ନୃତ୍ୟ ଗୀତ ଗାନ । କରି ତୋପଣ୍ଡ ତାର ମନ ।
ଦକ୍ଷ ଯୁବତୀଗଣ ସଙ୍ଗେ । ବମାନେ ରମେ ନାନାରଙ୍ଗେ ।
କ୍ଷୁଦ୍ର କଙ୍କିଣୀ ନାଦ-ଧୀରେ । ଲଭତ ମଙ୍ଗଳ ମୁଖରେ ।
ଯାବତ କର୍ମ୍ମଫଳ ପୁରେ । ତାବତ ସ୍ୱର୍ଗ ଭୋଗ କରେ ।
ପୁଣି ପଡ଼ଇ କର୍ମ୍ମକ୍ଷେତ୍ର । ସଂସାରେ ବସ୍ତୁ ମାତ୍ରମୋହେ ।
ଏଣୁ ଅର୍ଜ୍ଜିତ କର୍ମ୍ମପାକେ । ଜୀବ ଭ୍ରମଇ ଦୁଃଖସୁଖେ ।
ସାଧସଙ୍ଗତେ ଏତେ ଜ୍ଞାନ । ଉଦ୍ଧବେ କହିଲେ ମାଧବ ।
ସୁକର୍ମ୍ମେ ସାଧୁସଙ୍ଗ ପାଇ । କୁକର୍ମ୍ମେ ଅସାଧୁ ମିଳଇ ।
ପୂଜ୍ୟ ବପାକ କର୍ମ୍ମଫଳେ । ଅସାଧୁ-ସଙ୍ଗ ଜନ୍ମେ ମିଳେ ।
ଅଧର୍ମ୍ମ ବଢ଼େ ଦିନେ ଦିନେ । ନରତେ କୁସଙ୍ଗ-ମିଳନେ ।
ଯେ ନାମେ ରତ ନାସ୍ତିପୁତ । ପାଷଣ୍ଡ, କୃପଣ, କୁତ୍ସିତ ।
ଜଡ଼ପୀଡ଼ନେ ଜନ୍ମେ ହିଂସା । ଦୁଃଖଗହ୍ୱନେ କରେ ଅଶା ।
ଯଜ୍ଞ ଆରମ୍ଭି ବସ୍ତ୍ୱାନେ । ପଶୁମାରଣ ଅବଧାନେ ।
କଲ୍ପିତ ପିତୃଯଜ୍ଞ-ଛଳେ । ପଶୁକୁ ବଧ କରେ ବଳେ ।
ପୂଜଇ ଭୂତପ୍ରେତଗଣେ । ଅମ୍ବାର ହିଂସା ସେ ନ ମଣେ ।
ଜୀବମାରଣ କର୍ମ କଲେ । ନରକେ ପଡ଼େ ଅନ୍ତରାଳେ ।
ମାୟା ଯନ୍ତ୍ରିତ ନାନାଯୋନି । ଭ୍ରମଇ ଜଜ ଅମ୍ବା ସେନ ।
ସ୍ଥାବର ଅଦ ଗୁର ଦେହେ । ପଶୁ ପତଙ୍ଗ କୀଟ ହୁଏ ।
ଶ୍ୱାନ, ଶୃଗାଳ, ବାଜୀ, ଗଜେ । ଏମନ୍ତେ ନାନାଯୋନି ଭଜେ ।
ଅଶେଷ କୋଟି ଯୋନି ଭ୍ରମି । ଅର୍ଜ୍ଜିତ କର୍ମେ ପଥଶ୍ରମୀ ।
ଏମନ୍ତେ ଦୁଃଖ ଅବଶେଷେ । କଷ୍ଟତ ଧର୍ମ୍ମର ବଶ୍ୟେ ।
ଦୁର୍ଲ୍ଲଭ ମନୁଷ୍ୟ-ଶରୀରେ । ଦେହ ଲଭଇ ମର୍ତ୍ତ୍ୟପୁରେ ।
ଭାଗ୍ୟେ ଦୁର୍ଲ୍ଲଭ-ଦେହ ଧଇ । ପୁଣି ଭ୍ରମଇ କର୍ମ କଇ ।
କର୍ମ୍ମଟି ନାନା ଦୁଃଖ ଦେଇ । କଷ୍ଟତ ସୁଖ ନାହିଁ ତହିଁ ।
କର୍ମ କରନ୍ତେ ପାଏ ଦେହ । ଏଣୁଟି କର୍ମ ଦୁଃଖମସ୍ତ ।
କୁବେର ବରୁଣ ଅନଳ । ଏ ଅଦ ଦଣ ଦଗପାଳ ।
ମୋ ଉହିଁ ଜନମ ଲଭନ୍ତ । ଭସ୍ମେ ନକଟେ ନ ରହନ୍ତ ।
ଦେଖ ଏ କଳ୍ପ-ଅସ୍ଥିକାଶ୍ମ । ସ୍ୱଭାବେ ମୋର ଅଂଶଧାଶ୍ମ ।
ବ୍ରହ୍ମା ମୋହର ଅଂଶ ବହୁ । ସକଳ ସୃଷ୍ଟି ସେ କରଇ ।
ଗୁଣ ସକାଶୁଁ ସୃଷ୍ଟି ସୃଜେ । ଏଣୁ ବସସ୍ତ୍ୱ ଜୀବ ଭୁଞ୍ଜେ ।
ଏଣୁ ଏ ଜୀବ କର୍ମନସ୍ତ୍ୱେ । ଅକର୍ମେ ଦଣ୍ଡେହିଁ ନ ରହେ ।
ଯାବତ ବସସ୍ତ୍ୱର ଗତ । ଗୁଣ କଳ୍ପିତ ଭାବ ଚନ୍ତ ।

ତାବତ ନାନାବିଧ ରୂପେ । ଜୀବ ଭ୍ରମଇ ମୋହକଲ୍ପେ ।
ଯାବତ ନାନାଭାବେ ଛନ୍ନ । ତାବତ ଜୀବ ପରାଧୀନ ।
ଈଶର ତହିଁ ଉପୁ ପାଇ । ଭ୍ରମଇ ମାପ୍ତାମପ୍ତ ହୋଇ ।
ଅନେକ ଭ୍ରମି ଶ୍ରମେ ଫୁଟେ । କେବେହେଁ ମାପ୍ତା ତା ନ ଊଣେ ।
ଏମନ୍ତେ ଗୋବିନ୍ଦର ବାଣୀ । ଉଦ୍ଧବ ବୋଲେ ତାହା ଶୁଣି ।
ପ୍ରଣାମ କଲ କୃଷ୍ଣପାଦେ । ବୋଲେ ଅନନ୍ଦ ଗଦଗଦେ ।
ଶୁଣ ହେ ପ୍ରଭୁ ଦାମୋଦର । ତ୍ରିଗୁଣେ ଛାତ ଏ ଶରୀର ।
ଜୀବନ ଅଛୁ ଦେହମଧ୍ୟେ । ଜନ୍ମେ ପରମ ଅନନ୍ଦେ ।
ଗୁଣେ ବନ୍ଧନ ନାହିଁ ତାର । ସ୍ୱଭାବେ ନତ୍ୟ ନିର୍ବିକାର ।
ତାର ବନ୍ଧନେ ତିନ ଗୁଣେ । ତୁ ନାଥ ବୋଲୁ କ କାରଣେ ।
କେମନ୍ତେ ନୋହେତ ବନ୍ଧନ । କହ ହେ ଦେବକୀନନ୍ଦନ ।
କରୁପେ ଥାଇ ଅନ୍ତର୍ଗତେ । ସଂସାରେ ବହୁରେ କେମନ୍ତେ ।
କେତେ ଲକ୍ଷଣେ ତାକୁ ଜାଣି । କେମନ୍ତେ ରକ୍ଷେ ଅନ୍ନ-ପାଣି ।
କରୁପେ ପ୍ରଚରଇ ଜନେ । ଆସନ-ଭୋଜନ-ଶୟନେ ।
ନଷ୍ଟଲେ ରହେ କେଉଁସ୍ଥାନେ । କହ କେଶବ ତୋପମନେ ।
ତୁ ନାଥ ମୋର ପ୍ରାଣପତି । ଇକ୍ଷ୍ୱାକୁବଂଶଜ ଦାଶରଥି ।
ଅଚ୍ୟୁତ ଅନନ୍ତ ମୂରତି । ବଳେ କେ ପାରେ ଜୀବ ଧରି ।
ସଂସାରେ ବଦ୍ଧ ମୋହ ହୁଇ । କେମନ୍ତେ କଳ୍ପି ତାର ଦେହୀ ।
ଏକ ଅନେକ ଅବା କେତେ । କହ ଗୋବିନ୍ଦ ଶୁଦ୍ଧଚିତ୍ତେ ।
ମୋହର ଚିତ୍ତେ ଭ୍ରମ ଯେତେ । କହଇ ତୋହର ଅଗ୍ରତେ ।
ମୋ ଘରେ ଜ୍ଞାନଦୀପ ଜ୍ୱାଳ । ଅଜ୍ଞାନ ଖଣ୍ଡ ବନମାଳୀ ।
ବୋଲଇ ବସ ଜଗନ୍ନାଥ । କୃଷ୍ଣଚରଣେ ଦେଇ ଚିତ୍ତ ।
ଉଦ୍ଧବ ପଶ୍ଚାତ୍ତଲେ ମୋତେ । ଶ୍ରୀ ଏକାଦଶେ ଭାଗବତେ ।
ସୁଜନେ ଦଅ ଏଥେ ଚିତ୍ତ । ମୁଁ ଭୁମ୍ଭ ଭକ୍ତ୍ୟଙ୍କର ଭକ୍ତ୍ୟ ।
ପ୍ରଭଳ୍ପରେ ମୋର ମତ । ଦଣ୍ଡେ ନ ଛଡ଼ୁ ଭୁମ୍ଭ ଭକ୍ତି ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣ-
ଉଦ୍ଧବ ସଂବାଦେ ନାମ ଏକତ୍ରିଂଶୋଽଧ୍ୟାୟଃ ।

(16)

ଜୀବାତ୍ମାର ତତ୍ତ୍ୱଜ୍ଞାନ (Sk. XI, Ch. XII).

ଶ୍ରୀ ଭଗବାନୁବାଚ

ଶୁଣି ଉଦ୍ଧବର ବଚନ । କହନ୍ତି ଶ୍ରୀ ମଧୁସୂଦନ ।
ତୁ ଯାହା କରୁ ହୋ ପ୍ରଶନ । ଜୀବ-ଆତ୍ମାର ତତ୍ତ୍ୱଜ୍ଞାନ ।

ଜୀବର ବଦ୍ଧ ମୋକ୍ଷ କେମନ । ବସ୍ତୁର ଯେତେ ଶାସ୍ତ୍ର ପେନ ।
କେବେହେଁ ନ ଯାଇ ତା ଅନ୍ତ । ଏଣୁ ସେ ବୋଲଇ ଅନନ୍ତ ।
ବସ୍ତୁବସ୍ତୁରେ ବଦ୍ଧ ମୋକ୍ଷ । ଜୀବକୁ ନ ଲାଗେ ପ୍ରତ୍ୟକ୍ଷ ।
ଜନ୍ମ ମରଣ ଶୋକ ମୋହ । ସୁଖ ଦୁଃଖ ଅବ ସଂଶୟ ।
କେବଳ ମାୟା ଭ୍ରମ ଏହ । ଏଣେ ଜୀବର ଲେଦ ନାହିଁ ।
ସ୍ୱପ୍ନେ ଦେଖଇ ପ୍ରାଣୀ ଯାହା । ନଦ୍ରାବୋଧନେ ସବୁ ମାୟା ।
ବଦ୍ୟା ଅବଦ୍ୟା ମୋର ଦେହ । ବଦ୍ଧ ମୋକ୍ଷହିଁ ମାୟାମୟ ।
ଏ ଗୁର ମଧ୍ୟେ ମୋର ଅଂଶ । ଜୀବନ ସ୍ୱରୂପେ ପ୍ରକାଶ ।
ଅବଦ୍ୟାବଳେ ବନ୍ଦୀ ହୋଇ । ଜ୍ଞାନ କୁମତ୍ତାବେ ଗୁପ୍ତ ।
ତେଣୁ ଭ୍ରମଇ ମାୟାଭ୍ରମେ । କର୍ମେ ଅର୍ଜ୍ଜିତ ଯଥାକ୍ରମେ ।
ଜନ୍ମଇ ମାୟା ଅନ୍ଧକାରେ । ଜଳ ମହନା ନ ସୁମରେ ।
ସ୍ୱଭାବେ ନତ୍ୟ ତାର ମୁକ୍ତ । ଯଦ୍ୟପି ଜୀବ ବଦ୍ୟାଯୁକ୍ତ ।
ନଳ ସ୍ୱଭାବେ ରହେ ଧୀରେ । ପରମ ଆନନ୍ଦେ ବହରେ ।
ଏଣୁ ଏ କେମନ ଅଂଶ ହୁଏ । ବଦ୍ଧ ବମୁକ୍ତ ଭାବ କହେ ।
ଏକଇ ବୃକ୍ଷେ ହଂସ ଦୁଇ । ବସନ୍ତ ପ୍ରିୟଭାବ ବହି ।
ସ୍ୱଭାବେ କେମନ ଶାଖେ ଥାନ୍ତ । ଏକ ଅରେକ ନ ଦେଖନ୍ତ ।
ସମାନ ଶକ୍ତି ସେ ବହନ୍ତ । ବଦ୍ଧ ବମୁକ୍ତ କେମନ ଗତ ।
ସେ ବୃକ୍ଷେ ଯେତେ ଫଳ ଫଳେ । ଏକ ଭୁଞ୍ଜଇ ତାହା ବଳେ ।
ଏକ ବଞ୍ଚଇ ଉପବାସେ । ନର୍ଲେପ-ନରଞ୍ଜନ-ଅଶେ ।
ନତ୍ୟ ଆନନ୍ଦେ ପରିପୂର୍ଣ୍ଣ । ସକଳ ଦେଖଇ ନୟନେ ।
ନ ଜାଣେ ପୁଣି ନଳ ପର । ଏଣୁ ନର୍ମଳ ଜ୍ଞାନ ତାର ।
ଯେ ହଂସ ବୃକ୍ଷଫଳ ଖାଇ । ଲୋରେ କଳନ ତାର ଦେଖି ।
ଅଜ୍ଞାନେ ନ ଜାଣଇ କହୁ । ଏମନ୍ତେ କେମନ ଅମ୍ଭା ଲୁଷି ।
ଅବଦ୍ୟା ସଙ୍ଗେ ଜୀବ ବନ୍ଦୀ । ବଦ୍ୟା-ଉଦପେ ଜ୍ଞାନ ବୁଦ୍ଧି ।
ଦେହେ ବସଇ ଯେ ପ୍ରତ୍ୟକ୍ଷେ । ନତ୍ୟେ ନ ସ୍ଖଳ ପାପେ ଲହ୍ନେ ।
ସେ ଭାବେ ଥାନ୍ତ ଯେତେପ୍ରାଣୀ । ପଣ୍ଡିତ ବୋଇ ତାକୁ ଜାଣି ।
ଦେହ ନ ସ୍ଖଳ ସ୍ଖଳପ୍ରାପ୍ତେ । ଯେ ମଣେ ସେ ବଞ୍ଚତକାପ୍ତେ ।
ସ୍ୱପ୍ନ-ଜାଗିଲେ ଯେହେ ମିଛ । କୁମତ ମଣେ ତା ପ୍ରତ୍ୟକ୍ଷ ।
ଏଣେ ବଷପ୍ତ ଇନ୍ଦ୍ରଗଣେ । ଭୁଞ୍ଜନ୍ତ ବସ୍ତୁ-ବସ୍ତୁରଣେ ।
ଜୀବ ସେ ଉଦାସୀନ ରୂପେ । ବସଇ ଏହାଙ୍କ ସମୀପେ ।
ଏଣୁ ପରମ ନାମ ତାର । ନର୍ଗୁଣ ନତ୍ୟ ନରାକାର ।
ଯେ ଭାବେ ଅନ୍ଧକାରେ ମିଶେ । ଇନ୍ଦ୍ର ବଷପ୍ତରପେ ରହେ ।
କୁମତ ଅଦୃଷ୍ଟ-ଅଧୀନ । କର୍ମର ଫଳେ ସେ ବନ୍ଧନ ।
ଏଣ ଏ ଗୁଣ କର୍ମମପ୍ତେ । ପ୍ରକାଶେ ଦାତା ଭୋକ୍ତାପ୍ତାପ୍ତେ ।

ଏଣୁ ପରମ ନାମ ତାର । ନର୍ଦ୍ଦେପ ନତ୍ୟ ନରାକାର ।
କେବେହେଁ ନ କରିବ ସଙ୍ଗ । ସମୁଦ୍ରେ ଯେସନେ ତରଙ୍ଗ ।
ସଂସାରସପ୍ତ ପରବଶ । କେବେହେଁ ନ ପିବ ବଣ୍ଟାପ ।
ଅସନ ଶସ୍ତ୍ରନ ମାର୍ଜ୍ଜନେ । ଭୋଜନ ପାନ ଅବଧାନେ ।
ଶ୍ରବଣ ଗମନ ସ୍ମର୍ଣନେ । ପ୍ରପଞ୍ଚରୂପ ଦରଶନେ ।
ଏ ସଂସାରେ ଉଦାସୀନ । ଯେ କରେ ସେହୁ ମନ୍ତ୍ରାଜନ ।
ନର୍ଦ୍ଦୋଷମାନ ଗୁଣ୍ଡ ଦେହେ । କର ରୁମିବ ସବୁଠାଏ ।
ସଂକଲ୍ପ ନ ଭାବବ ମନେ । ଗୁହ-ଶଶୁର-ଅଭିମାନେ ।
କେ କରେ ହିଂସା ଅହଂକାର । କେ ପୁଣି କରେ ନମସ୍କାର ।
କେ ଅବା କରେ ନନା ସ୍ତୁତ । କେ ଉପହାସେ ବା ନସନ୍ତ ।
ଅଦୃଷ୍ଟ ମାନ ଅବଧାନେ । ଚତ୍ ବୋଧିବ ସାବଧାନେ ।
ସମେ ଦେଖିବ ସଙ୍ଗ ଅଂଶେ । ଭେଦ ନ କର ଗୁଣ ଦୋଷେ ।
ଚତ୍ ନଗ୍ରେସ୍ଥ ଏ ଶଶୁରେ । ଯେ କଛୁ ନ ବୋଲେ ନ କରେ ।
ତାହାକୁ ବୋଲିବ ପଣ୍ଡିତ । ସେ ଅମ୍ଭାଗମେ ଛଡ଼ବତ ।
ସେ ଯେବେ ଏତେ ଗୁଣ ଘେନ । ପରମାନନ୍ଦକୁ ନ ଚଳି ।
ସକଳ ଶାସ୍ତ୍ର ବ୍ୟର୍ଥ ତାର । କେବଳ ଶ୍ରମମାତ୍ର ସାର ।
କୁଧେନୁ ବାଳି ଗୁହେ ଯେନ୍ନେ । ନଗ୍ରଣ ହୋଇ କ୍ଷୀରପାନେ ।
ଦୁଷ୍ଟା ଭାରଯା ଦୋଷ ଦେଖି । ଯେ ଗୁହେ କାମଲୋରେ ରଖି ।
ସକଳ ଧର୍ମ ତାର ନାଶ । ନରକ ତାର ଗୁହବାସ ।
ଯାର ଶଶୁର ପରାଧୀନ । କୁପୁତ୍ର-କୁସ୍ତିତ-ବରନ ।
ମୋ ନାମ ନ ଗୁଣେ ଯେ ମୁଖେ । ଲୋଭେ ଯେ ପରେ ଧନ ରଖେ ।
ପାତ୍ରେ ନ କରେ ସମର୍ପଣ । କୁମତ କୁସ୍ତିତ କୃପଣ ।
ଦୁଃଖୀହୁଁ ଦୁଃଖୀ ସେ ବୋଲାଇ । ଉତ୍ସଲୋକେ ସୁଖ ନାହିଁ ।
ମୋର ନର୍ମଳ ଯଶ ନାମ । ଯେ ଅବା ଅଛୁ ଗୁଣଗ୍ରାମ ।
ଯେ ବା ପଣ୍ଡିତ ଇହଲୋକେ । ମୋ ନାମ ନତ୍ୟେ ଉଣେ ମୁଖେ ।
ଉତ୍ତବଗ୍ରେ ଉଟ୍ଟେ ଉାଣ୍ଡ । ଭବସାଗରୁ ତରଯାଣ୍ଡ ।
ବୋଲିଣ୍ଡ ଜଗତଜୀବନ । ଏ ଯୋଗତତ୍ତୁ ଗତ ଜ୍ଞାନ ।
ଯେ ଏହା ଚତ୍ତେ ନ ଧରଇ । ନାନାଭିମାନ ଦମ୍ଭ ବହ ।
କୁସ୍ତିତ କଥାରତ ନତ୍ୟେ । ନାନା କୁପଥ ମନୋରଥେ ।
ମନ ଭ୍ରମାଇ ଭ୍ରମୁଥାଣ୍ଡ । ଦୁର୍ଗମ ଦୁଃଖପଥ ଚଣ୍ଡ ।
ଯୁ ଯେବେ ମନ ମୋର ଦେହେ । ଧର ନ ପାରୁ ମାତ୍ମାମୋହେ ।
ତେବେ ସକଳ କର୍ମ ମୋତେ । ସମର୍ପି ରହ ଦୃଢ଼ଚତ୍ତେ ।
ସକଳ ଧର୍ମ ଏ ଜଗତେ । ଭାବ କହିବ ତୋ ଅଗ୍ରତେ ।
ମୋହର ଜନ୍ମ କର୍ମ ନାମ । ସତ୍ୟ ପବିତ୍ର ଗୁଣ ଧାମ ।

ଅବର ଗୁଣ ଅଛୁ ଯେତେ । ଉଦ୍ଧବ ଶୁଣ ଶୁଦ୍ଧଚତ୍ତେ ।
ଶ୍ରବଣ ସ୍ମରଣ କୀର୍ତ୍ତନ । ଯେ ମୋର ଧର୍ମ-ଆଚରଣ ।
ତାହା ସମର୍ପି ମୋର ପାଦେ । ସଂସାରୁ ତର ଅପ୍ରମାଦେ ।
ଏରୂପ ଉପାସନା କର । ନଣ୍ଟେ ଲଭିବୁ ମୋ ଶଙ୍କର ।
ସାଧୁଙ୍କ ସଙ୍ଗ କର ନିତ୍ୟ । ଲଭିବୁ ନର୍ମ୍ମଳ ଭକତି ।
ଭକତି କର ଶୁଦ୍ଧ ଚତ୍ତେ । ଜ୍ଞାନ ଲଭିବୁ ତୁ ସାକ୍ଷାତେ ।

(17)

ଭକ୍ତି-ସାଧନା (Sk. XI, Ch. XV).

ଉଦ୍ଧବ ଉବାଚ

ଭକ୍ତି-ଲକ୍ଷଣ ଶୁଣି କର୍ଣ୍ଣେ । ଉଦ୍ଧବ କହେ ତୋ ପ୍ରସନ୍ନେ ।
ଭୋ ନାଥ କମଳଲୋଚନ । ଶୁଣି ମୁଁ ତୋହ୍ନର ବଚନ ।
ସଂଶୟ କର ଦୂରଗତେ । ଏବେ ମୁଁ ପଚାରଇ ତୋତେ ।
ଭକ୍ତିଲକ୍ଷଣ ଧର୍ମ ଯେତେ । ତୁମ୍ଭେ କହିଲ ସଙ୍ଗ ମୋତେ ।
କେତେ ପ୍ରକାରେ ତାକୁ ସାଧି । ଭକ୍ତି-ଲକ୍ଷଣ ନାନାବିଧି ।
ଜଗତେ ବପ୍ରେ ଜନ୍ତୁ ଯେତେ । ମୋକ୍ଷ-ଲକ୍ଷଣ ବେଦମତେ ।
ନାନାପ୍ରକାରେ ସେ କହନ୍ତି । ଏଣୁ ଲାଗଇ ମୋତେ ଭ୍ରାନ୍ତି ।
ମୋକ୍ଷ-ଲକ୍ଷଣ ଧର୍ମ ଏକ । କି ଅବା ଅଛଇ ଅନେକ ।
କି ଅବା ସକଳ ପ୍ରମାଣ । ସଂଶୟ ଛେଦ ନାରାୟଣ ।
ଏ ସଙ୍ଗ ତୁମ୍ଭର ଗୋଚର । ଭକତ ବନ୍ଧୁ ନାହିଁ ସାର ।
ତୁମ୍ଭେ ଯେ ସଙ୍ଗ କହ ମୋତେ । ଚତ୍ତେ ମୁଁ ଧରିବ କେମନ୍ତେ ।
ବୋଇଲ ସଙ୍ଗ ଧର୍ମ ତେଜ । ନରତେ ମୋର ପାଦ ଭଜ ।
ଏହିଟି ସଙ୍ଗ ମୁଖ୍ୟ ଧର୍ମ । ଏଣେ ଭ୍ରମଇ ଭକ୍ତ୍ରମ ।
ତୁମ୍ଭର ବଚନେ ଅଧିକେ । ଲୋକେ କହନ୍ତି ଏକେ ଏକେ ।
ନାନାପ୍ରକାରେ ସେ କହନ୍ତି । ବେଦ ପୁରାଣ ଭାବେ ଚନ୍ତି ।
ଏକାନ୍ତ ଭକତଲକ୍ଷଣ । ସତ୍ୟ ବା ସକଳ ପ୍ରମାଣ ।
ଏଣୁ ସଂଶୟ ମୋର ଚତ୍ତେ । ନଷ୍ଟସ୍ କହ ନାଥ ମୋତେ ।

ଶ୍ରୀ ଭଗବାନୁବାଚ

ଏମନ୍ତ ଭକ୍ତ-ବାକ୍ୟ ଶୁଣି । ହସି କହନ୍ତି ଚକ୍ରପାଣି ।
ଉଦ୍ଧବ ଏକମନେ ଶୁଣ । ଯେ ଥିଲ ପରମ କାରଣ ।
ବେଦ-ବଚନ ସୃଷ୍ଟି-ଅନ୍ତେ । ପ୍ରଳୟ ନାଶିଲା ଜଗତେ ।
ପୁଣି ସଂସାର ଥିଲ କାଳେ । ମୁହିଁ ବ୍ରହ୍ମାଙ୍କୁ ଯୋଗବଳେ ।

କହିଲ ସବୁ ବେଦ-ବାଣୀ । ଯେ ବ୍ରହ୍ମା ନଜ ମୁଖେ ଣି ।
ନାମ ତା ସ୍ୱାୟମ୍ଭୁବ ମନୁ । ଦ୍ୱିତ୍ୱେ ପଦ୍ମଯୋନି ତନୁ ।
ତାହାକୁ ସବୁ ବେଦ ଦେଲା । ସେ ପୁଣି ଧର ନ ପାରିଲା ।
ଥିଲେ ଯେ ସପ୍ତଋଷିଗଣେ । ତାହାକୁ ଦେଲେ ଜଣେ ଜଣେ ।
ଭିଗୁ ଅଙ୍ଗିର ଅଦଜର । ଅର୍ଯ୍ୟାପେ ବେଦ ସେ ବସ୍ତାର ।
ସେ ପୁଣି ଗୁହ୍ୟକ ଗୋରଣେ । ଅନନ୍ତେ ଦେଲେ ସାଧୁପଣେ ।
ଏମନ୍ତେ ସିଦ୍ଧ ବଦ୍ୟାଧରେ । ରାକ୍ଷସ ଗନ୍ଧର୍ବ କନ୍ନରେ ।
କ ଦେବ ଯକ୍ଷ ନାଗ କପି । କ୍ରମେ ଏହାଙ୍କ ମଧ୍ୟେ ବ୍ୟାପି ।
ଏରୂପେ ସବୁ ମୁଖେ ରଣି । ମୁଁ ତାହା ଦୂରେ ଥାଇ ଶୁଣି ।
ବେଦଁ ହୋଇଲା ନାନାଗତ । ତା ଉତ୍ତୁ କେହୁ ନ ଜାଣନ୍ତ ।
ସ୍ୱଭାବେ ତ୍ରିଗୁଣେ ସଂଯୁତ । ଏଣୁ ପ୍ରକୃତ ଇନ୍ଦ୍ରମତ ।
ଯାହାକୁ ଯେମନ୍ତ ଦଶଇ । ସେ ଭାବେ ବେଦ ଅର୍ଯ୍ୟାପଇ ।
ଏଣୁ ପ୍ରକୃତ ଇନ୍ଦ୍ରମତେ । ଅର୍ଥ ନ ଜାଣନ୍ତ ସମସ୍ତେ ।
କେହୁ ପାଷଣ୍ଡ ମତେ ଜାଣି । କୁତର୍କ ଖଣ୍ଡେ କେ ବଖାଣି ।
ଏମନ୍ତେ କର ନାନାମତେ । ବେଦ ବଖାରନ୍ତ ଜଗତେ ।
ଏରୂପେ ଶ୍ରଦ୍ଧା ଅନୁମତେ । କର୍ମ କରନ୍ତ ନାନାମତେ ।
ଫଳଇ କର୍ମ-ଅନୁସାରେ । ବପାକ ଲଭନ୍ତ ସଂସାରେ ।
ଯେ ଧର୍ମ ମାର୍ଗ ଆଚରନ୍ତ । କେ ଅବା କାମ୍ୟ କର୍ମ ଚିନ୍ତ ।
କେ ସତ୍ୟ ଶମ ଦମ ଦାନେ । କେ ଯଜ୍ଞ ତୀର୍ଥ ଅନୁମାନେ ।
କାହାର ଚିତ୍ତେ ତ୍ୟାଗ-ଯୋଗ । କେ ଅଳ୍ପ ଅଇଶ୍ୱର୍ଯ୍ୟ-ଭୋଗ ।
କେ ବ୍ରତ ନସ୍ନ ଆଚରେ । ଏମନ୍ତେ ଅନେକ ପ୍ରକାରେ ।
କର୍ମ ସାଧନ୍ତ ଫଳ ଲୋରେ । ଗୁଣ-ବୈଗଣ୍ୟ-କ୍ରିୟା-ଦମ୍ଭେ ।
କର୍ମ ସରଲେ ଫଳ କ୍ଷୟେ । ଲବଧ କ୍ଲେଶମାତ୍ର ରହେ ।
ଏଣୁ ସଂସାର ଘୋର ବନେ । ବ୍ଲଜନ-ଅନଳ-ଦହନେ ।
ପ୍ରାଣୀ ହୁଅନ୍ତ ଅତ ଯାତ । ନ ଜାଣି ବେଦର ବୃତ୍ତନ୍ତ ।
ଏ ବୋଲ ବ୍ଲୁଇ ଉ ନରତେ । କେବଳ ଅଶ୍ରେ କର ମୋତେ ।
ମୁଁ ଅମ୍ବା-ପ୍ରିୟସଖା ହୋଇ । ସକଳ-କର୍ମ-ଫଳ ଦେଇ ।
ମୁଁ ଗତ ପତ ହର୍ଷ କର୍ଷ । ମୁହିଁ ସେ ସବଲୋକ-ପିତା ।
ମୋତେ ଭଜନ୍ତ ପ୍ରାଣୀ ଯେତେ । ମୁଖେ ତରନ୍ତ ସେ ବଣ୍ଟିନ୍ତେ ।
ଜନ୍ମ-ମରଣେ ନାହିଁ ତାଣ୍ଡ । ହେଲେ ସଂସାରୁ ତରଯାନ୍ତ ।
ବଷୟ-ମୁଖେ ଯାର ଚତ୍ତ । କର୍ମ ବ୍ଲଞ୍ଜନ୍ତେ ସେ ବଞ୍ଚିତ ।
ଯେ ପ୍ରାଣୀ ଅକଞ୍ଚନ ମତ । ଶମ ସୁଣାନ୍ତ ଶାନ୍ତ ଦାନ୍ତ ।
ମୋର ଅନନ୍ଦରସେ ରସେ । ସୁଖସମୁଦ୍ରେ ନତ୍ୟେ ଭାସେ
ମୁଁ ଯାକୁ ହୁଅଇ ସଦସ୍ । ତାହାର କାହିଁ ଦୁଃଖ ରସ୍ ।

ଦେଖଇ ଅନ୍ତର ବାହାରେ । ସକଳ ସୁଖ ଦେଶାନ୍ତରେ ।
ମୋହର ଭାବେ ଯେ ରମଇ । ତାର ସମ୍ପଦେ କାର୍ଯ୍ୟ ନାହିଁ ।
ବ୍ରହ୍ମା ପଦଲୁ ନାହିଁ ଇଚ୍ଛା । ନ କରେ ଇନ୍ଦ୍ରପଦ ବାଞ୍ଛା ।
ସପତଦ୍ୱୀପେ ଗଜପଦ । ନ ବାଞ୍ଛେ ମୁକ୍ତିଯୋଗସିଦ୍ଧ ।
ପାତାଳ-ଭୋଗେ କାର୍ଯ୍ୟ ନାହିଁ । ଈଶାଣ-ପଦ ନ ବାଞ୍ଛଇ ।
ମୋତେ ସମର୍ପି ସୁତ ବତ୍ତ । ନୁହଇ ମାତ୍ରାରେ ମୋହିତ ।
ସେ ମୋର ଯେତେ ପ୍ରିୟ ହୋଇ । କହଇ ଶୁଣ ମନ ଦେଇ ।
ବ୍ରହ୍ମା ଯେ ମୋହର ନନ୍ଦନ । ତାଲୁ ନ ରମେ ମୋର ମନ ।
ମୋହର ଅମ୍ବା ପଣୁପଟ । ତେଣେ ମୋହର ନାହିଁ ପ୍ରୀତ ।
ମୋହର ଭାଇ ହଲପାଣି । ଲକ୍ଷ୍ମୀ ଯେ ମୋହର ଘରଣୀ ।
ନତ୍ୟେ ବସଇ ବକ୍ଷସ୍ଥଳେ । ବଖ୍ୟାତ ଭୁବନ-ମଣ୍ଡଳେ ।
ଭୁ ଯେ ମୋହର ପ୍ରିୟତମ । କେହ ନୁହନ୍ତି ତୋର ସମ ।
ସ୍ୱଭାବେ ନରପକ୍ଷ ଶାନ୍ତ । ତପସ୍ୱୀ ଋଷି-ବନ୍ଦିତ ।
ସମଦରଶୀ ପ୍ରେମପୂତ । ଦୟାସାଗର ପରହିତ ।
ଏମନ୍ତ ପ୍ରାଣୀଙ୍କର ପକ୍ଷେ । ନତ୍ୟେ ମୁଁ ଭୁଲଇ ପ୍ରତ୍ୟକ୍ଷେ ।
ଅବୋଧ ଥାଇ ବେନପାଣେ । ତାର ଚରଣ-ରେଣୁ-ଅଶେ ।
ସେ ପ୍ରାଣୀ ବହେ ଯେତେଗୁଣ । ଉଦ୍ଧବ ଏକମନେ ଶୁଣ ।
ସ୍ୱଭାବେ ଅଳଙ୍କନ ଦେହେ । ସକଳ ଭୂତେ ଦୟା ବହେ ।
କାମକୁ ଜିଣି ପ୍ରେମପୂତ । କେବଳ ସୁଶାନ୍ତ ମହତ ।
ସେ ମୋର ସୁଖ ଅନୁମାନେ । କେ ତାର ମହିମା ବଖାଣେ ।
ତା ଅନୁଭବ ସେ ଜାଣଇ । କେ ତାହା ମୁଖେ ପାରେ କହି ।
ଏମନ୍ତେ ଯେ ମୋର ଭକତ । ସେ ଯେବେ ବସପୃ ବାଞ୍ଛିତ ।
ଅର୍ଜିତ ଇନ୍ଦ୍ରୟଙ୍କ ଦୋଷେ । ଯେବେ ବସପୃରସେ ରସେ ।
ମୋର ଭକତ ଭବକଲେ । ବସପୃ ନ ଲାଗେ ନଷ୍ଟଲେ ।
ଅନନ୍ତେ ବହରଇ ସୁଖେ । ମୋ ନାମ ନତ୍ୟେ ଭଣେ ମୁଖେ ।
ଯେତେ ଏ ଦାନ-ବ୍ରତ ତ୍ୟାଗ । ଧର୍ମ-ଅଗ୍ର ସାଙ୍ଖ୍ୟଯୋଗ ।
ଏ ମୋତେ ନ ପାରନ୍ତି ଧରି । ନାନା ପ୍ରକାରେ ବଶ କରି ।
ଭକତଜନେ ବଶ ମୁହିଁ । ତାର ରକ୍ଷଣେ ମୋର ଦେହୀ ।
ମୁଁ ଯେ ସଂସାର ଅଛ ଜ୍ଞନ । ଭକତ ପାରେ ମୋତେ ବାନ୍ଧି ।
ଦୁର୍ଜୟ ଦେହେ ମୋର ଶୂନ୍ୟ । ଭକତ ଭାବେ ମୁଁ ବନ୍ଧନ ।
ଭକତଜନଙ୍କର ପାଶେ । ନତ୍ୟେ ମୁଁ ଥାଇ ଭାବବଶେ ।
ଏଣୁ ଭକତ ଏ ସଂସାରେ । ଅଶେଷ ଜନ୍ମ ପାପ ହରେ ।
ଶୃଣାଳ ପଣ୍ଡତ ଯାମର । ମ୍ଲେଚ୍ଛ ଅଧମ ଦୁରାଗ୍ରର ।
ଏ ଅଦ ପ୍ରାଣୀଜନ ଯେତେ । ଯେବେ ମୋ ଭକତ-ଅଗ୍ରତେ ।

ଦଇବ-ଯୋଗେ ସଙ୍ଗ-ମେଳେ । ମିଳଇ ପୂଜ ପୁଣ୍ୟବଳେ ।
ଦର୍ଶନ ସ୍ପର୍ଶନ ଶ୍ରବଣେ । ନର୍ମଳ ହୁଅନ୍ତି ଚକ୍ଷୁଣେ ।
ପାପ ନ ରହେ ତାଙ୍କ ମନେ । ଉହ ସମୀପେ ତମ ଯେଉଁ ।
ଯେ ପ୍ରାଣୀ ଦସ୍ୟୁ ସତ୍ୟପୁତ । ତପୀ ଧାର୍ମିକ ବଦ୍ୟାବନ୍ତ ।
ମୋର ଉକତ ଯେବେ ନାହିଁ । ପବଣ ନୋହେ ତାର ଦେହୀ ।
ସେ କାହିଁ ସଂସାରୁ ତରିବ । ଯେବେ ନ ପାଏ ମୋର ଭାବ ।
କରତେ ଅଙ୍ଗ ପୁଲକତ । ନସ୍ତ୍ନ ଅଶ୍ରୁଜଳ ପାତ ।
ଅନ୍ତ ଦ୍ରବଇ ତା କରତେ । ମତ ଚଞ୍ଚଳ ବପଣ୍ଡତେ ।
ଜଗତ ମୋର ରୂପ ଜାଣେ । ବଜ ଶଶ୍ୱର ନ ପ୍ରମାଣେ ।
ବୋଲନ୍ତ ପ୍ରଭୁ ଚକ୍ରପାଣି । ଏତେ ଲକ୍ଷଣେ ଭକ୍ତ ଜାଣି ।
ଉକତ ବନ୍ଦ ଅନ୍ତର୍ଗତ । କେବେହେଁ ନୁହଇ ପ୍ରଶସ୍ତ ।
ବୋଇବ ଗଦ ଗଦ ବାଣୀ । କ୍ଷଣକ୍ଷଣକେ ହସେ ପୁଣି ।
କ୍ଷଣକେ କରଇ ରୋଦନ । ଉଚ୍ଚେ ଡାକଇ ମୋର ନାମ ।
ନାଚଇ ଉନ୍ମତ୍ତ ଅତରେ । ଲଜ୍ଜା ସଙ୍କୋଚ ଦୂର କରେ ।
ମୋର ଉକତ ମୋର ମିତ । ସେ କରେ ଜଗତ ପବନ୍ତ ।
ମୋର ସେବକ ଏ ଲକ୍ଷଣ । ଉଦ୍ଧବ ଉଲ୍ଲେ ଏହା ଜାଣ ।
ନର୍ମଲମନ୍ତ ତାର ନତ୍ୟ । ଭ୍ରମଇ ଉଦାର ଚରିତେ ।
ଅନଳେ ଦହନ୍ତେ ସୁବର୍ଣ୍ଣ । ନର୍ମଳ ହୁଏ ଦନୁ ଦନ ।
ଉକତଜନ ସେହ୍ନମତେ । ନର୍ମଳ ହୋନ୍ତ ଏ ଜଗତେ ।
ଏରୂପେ ଉକ୍ତି ଯୋଗବଳେ । ଯେ ପ୍ରାଣୀ ଭନ୍ତ ଜନମେଳେ ।
ଅଶେଷ ବାସନା ତାଙ୍କର । ମନରୁ ଛୁଡ଼ି ହୋନ୍ତ ଦୂର ।
ଅଞ୍ଜନ ରଞ୍ଜୁଥିଲେ ନତ୍ୟେ । ମତ ନ ରହେ ଯେଉଁ ନେଏ ।
ବିଷୁ୍ଣ ସ୍ମରଣ କରତେ । ଯେଉଁ ବିଷୁ୍ଣ ଜଡ଼େ ଚିତ୍ତେ ।
ମୋର ସ୍ମରଣ ଯାର ଚିତ୍ତେ । ତା ଦେହେଁ ଥାଉ ମୁଁ କରତେ ।
ଏ ବୋଲ ବୁଝି ମୋତେ ଭଜ । ଅଣାନ୍ତ ଖାନ ବେଗେ ତେଜ ।
ମୋ ରୂପ ଦେଖେ ସର୍ବଠାବେ । ମୋର ଚରଣ ଉଚ୍ଚେ ଭାବେ ।
ସ୍ତ୍ରୀସଙ୍ଗ ସ୍ତ୍ରୀସଙ୍ଗଙ୍କ ସଙ୍ଗ । ଦୂରେ କରବ ପରତ୍ୟାଗ ।
ସକଳ ଚିନ୍ତା ଦୂର କର । ମୋତେ ଚିନ୍ତବ ଚିତ୍ତେ ଉର ।
ନଗ୍ରେଲେ ବସି ଏକସ୍ଥାନେ । ନଣ୍ଡିନ୍ତ କଲ୍ପିତ ଅସନେ ।
ମୋର ମଧୁର ରୂପ-ଧ୍ୟାନେ । ବସି ଚିନ୍ତବ ସ୍ଥିରମନେ ।
ସ୍ତ୍ରୀସଙ୍ଗ ସ୍ତ୍ରୀସଙ୍ଗିଙ୍କ ସଙ୍ଗେ । କାମ ବଢ଼ଇ ନାନାରଙ୍ଗେ ।
ଏଣୁ କୁସଙ୍ଗ ଦୂର କର । ହୁଦେ ମୋ ଭାବ ଅନୁସର ।
ଅମ୍ଭାର ହତ ନତ୍ୟେ କର । ହସି ବୋଲନ୍ତ ଦାମୋଦର ।

ଉଦ୍ଧବ ଉବାଚ

ଉଦ୍ଧବ ଶୁଣି କୃଷ୍ଣ-ବାଣୀ । କପୋଳେ ଦେଇ ବେନପାଣି ।
ବୋଲଇ ଶୁଣ ଭଗବାନ । ତୁମ୍ଭେ କହିଲ ତୁମ୍ଭ ଧ୍ୟାନ ।
କରୁପେ ଜଗତ ବଖ୍ୟାତ । କହ ହେ ତ୍ରିଭୁବନନାଥ ।
ଭକ୍ତବତ୍ସଳ ଭଗବାନ । ବକତ କମଳଲୋଚନ ।
ଯେ ଜ୍ଞାନେ ଯୋଗିଜନ ଚିତ୍ର । ଘୋର ସଂସାରୁ ତରଯାନ୍ତ୍ର ।
କରୁପେ କର ତୋତେ ଧ୍ୟାନ । କହ ହେ ଦେବକୀନନ୍ଦନ ।
ଶୁଣ ଉଦ୍ଧବ ବାଣୀ କର୍ଣ୍ଣେ । କୋମଳ ଗଭୀର ବଚନେ ।

ଶ୍ରୀ ଭଗବାନୁବାଚ

ବୋଲନ୍ତି ପ୍ରଭୁ ଜଗନ୍ନାଥ । ଶୁଣ ଉଦ୍ଧବ ଧ୍ୟାନତତ୍ତ୍ୱ ।
ସମ ଅସନେ ବସି ଧୀରେ । ସମୀର ସମ କଲେବରେ ।
ଜାନୁଯୁଗଳେ ବେନପାଣି । ଦୃଢ଼େ ସ୍ଥାପିବ ବେଳ ଜାଣି ।
ବେନ୍ଧ ନସ୍ତନ ନାସା ଅଗ୍ରେ । ଜଣ୍ଟଲେ ସ୍ଥାପିବ ସମଗ୍ରେ ।
ପବନ ତୋଳି ନାସାଦ୍ୱାରେ । ପୂରକ କୁମ୍ଭକ ପ୍ରକାରେ ।
ଅଳପ ଅଳପ ସାଧନେ । ଚିତ୍ତ ସ୍ଥାପିବ ସଂଯମନେ ।
ଓଁ କାର ପବନ ଜଣ୍ଟଲୁଁ । ତୋଳିବ ହୃଦସ୍-କମଳୁଁ ।
ଉତ୍ତମ ସଙ୍ଖନାଦ-ସ୍ୱନେ । ମନ-ପବନ ଏକଧ୍ୟାନେ ।
ମୃଣାଳ-ସୂତ୍ର-ମାର୍ଗେ ଧର । ଜଣ୍ଟଲେ ଅନାହତେ ପୂର ।
ଲବ ନିମିଷ ଦଣ୍ଡ ଘଡ଼ି । ଜତ୍ୟେ ସାଧିବ ଦୁଃଖେ ପଡ଼ି ।
ଏରୁପେ ଅନ୍ତର ବାହାରେ । ଜତ୍ୟେ ସାଧିବ ନରନ୍ତରେ ।
ଏମନ୍ତେ ସାଧି ଏକମାସେ । ପ୍ରାଣପବନ ସ୍ଥାପିବ ସେ ।
ହୃଦସ୍-ପଦ୍ମ-ମଧ୍ୟଭାଗେ । ଯେ ଅଷ୍ଟଦଳ ଅଷ୍ଟଦଗେ ।
ମଧ୍ୟ ପାଖୁଡ଼ା ତାର ଶିଖେ । ଜତ୍ୟେ ଲମ୍ବିର ଅଧୋମୁଖେ ।
ଧ୍ୟାନେ ଚିନ୍ତିବ ହୃଦମଧ୍ୟେ । ଯେ ଅଷ୍ଟଦଳ ତାର ଉଦ୍ଧ୍ୱେ ।
ସୂର୍ଯ୍ୟମଣ୍ଡଳ ଚିନ୍ତାକର । ସୋମମଣ୍ଡଳ ହୃଦେ ରହ ।
ତାହାର ମଧ୍ୟେ ହୁତାଶନ । ତା ମଧ୍ୟେ ସୁବର୍ଣ୍ଣ-ଅସନ ।
ତାର ଉପରେ ଦବ୍ୟ ରୂପ । ଚିନ୍ତିବ ମୋହର ସ୍ୱରୂପ ।
ଆଜାନୁ ଲମ୍ବି ଭୁଜ ଯୁଗ । ଶଙ୍ଖ-କମଳ-ଚକ୍ରଧାଗ୍ର ।
ସୁମୁଖ ସୁନ୍ଦର କପୋଳ । ବକତପଦ୍ମ ପ୍ରାସ୍ ଢୋଳ ।
ଶ୍ରବଣେ ମକର କୁଣ୍ଡଳ । ହୃଦେ ଲମ୍ବିର ବନମାଳ ।
ଶ୍ୟାମ ଜଳଦ-କଲେବର । କଣ୍ଠେ କୌସ୍ତୁଭ ମଣିହାର ।
ହୃଦରେ ଶ୍ରୀବତ୍ସର ଚିହ୍ନ । ପୀତବସନ ପରଧାନ ।
ମଞ୍ଜ ମଞ୍ଜୀର-ପାଦଯୁଗେ । ରତ୍ନମେଖଳା କଟିଭାଗେ ।

ସଙ୍କୋପଘାତ କଲେ ଶୋହେ । ସୁନ୍ଦର ତନୁ ମନ ମୋହେ ।
ଏରୂପେ ଧ୍ୟାନ ମୋତେ କର । ଚଞ୍ଚଳ ଇନ୍ଦ୍ରିୟ ନବାର ।
ବୁଦ୍ଧିକ କର ଅଗୁସାର । ପଣ୍ଡିତ ଜନଙ୍କ ବେଭାର ।
ସଙ୍ଗ ସଙ୍ଗମୁଁ ମନ ମାର । ନଷ୍ଟଳେ ମୋତେ ଧ୍ୟାନ କର ।
ମୋ ରୂପ ଚନ୍ତବ ନରତେ । ଅନ୍ୟ ନ ସୁମରବ ଚିତ୍ତେ ।
ପୁଣି ସେ ରୂପ ଥୋଇ ପାଣେ । ଚିତ୍ତ ନବେଶିବ ଅକାଶେ ।
ଏରୂପେ ହୃଦସ୍-କମଳେ । ବ୍ରହ୍ମ ପ୍ରକାଶିବ ନଷ୍ଟଳେ ।
ସେ ବ୍ରହ୍ମ ଚିତ୍ତ ସ୍ଥିର ଯେବେ । ମୋ ରୂପ ନ ଚିନ୍ତବ ତେବେ ।
ସେ ବ୍ରହ୍ମରୂପ ସଙ୍ଗଭୂତେ । ଆମ୍ଭାକୁ ପ୍ରକାଶିବ ନତ୍ୟେ ।
ମନ-ସଂଯମ ଏହୁମତେ । ମୋ ରୂପ ଦେଖିବ ଜଗତେ ।
ଏରୂପେ ବ୍ରମ ଯିବ ତୋର । କହିଲେ ବ୍ରହ୍ମାଣ୍ଡ-ଠାକୁର ।
ବୋଇର ଦାସ ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ :
ଶୁକ-ପରୀକ୍ଷଙ୍କ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ।
କଇ-କଲୁଷ-ରସ୍ ନାହିଁ । ସୁଜନେ ତର ଏହା ଗାଇ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣ ଉଦ୍ଧବ
ସମ୍ବାଦେ ଭକ୍ତିଯୋଗକଥନଂ ନାମ ପଞ୍ଚଦଶୋଽଧ୍ୟାୟଃ ।

(18)

ମୁକ୍ତି-ସାଧନା (Sk. XI, Ch. XX)

ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ଭଗବାନ । ଶୁଣ ହେ ଭକତପ୍ରଧାନ ।
ଉତ୍ପତ୍ତି-ସ୍ଥିତି-ତତ୍ତ୍ୱଜ୍ଞାନ । ଯେ ଅନୁମାନ ବତ୍ସଣ ।
ବମଲମତ ଧୀରବାଣୀ । ଜଗତ ମାସ୍ୱାମାନ ଜାଣି ।
ସେ ଜ୍ଞାନ ଦେଇ ମୋ ଚରଣେ । ଭବେ ଖଣ୍ଡିବେ ଭୃତ୍ୟପଣେ ।
ମୋତେ ଭଜନ୍ତ ଜ୍ଞାନାଜନ । ମୁଁ ତାଙ୍କ ଇଷ୍ଟ ପ୍ରିୟଧନ ।
ଯେ ମୋତେ ଜ୍ଞାନବଳେ ଧରେ । ସେ ସବୁ କାମ ପରିହରେ ।
ତୀର୍ଥ-ଗମନ-ଜପ-ଦାନ । ଯଜ୍ଞେ ଦେବତା-ଅଗ୍ରଧନ ।
ଏ କୋଟି କୋଟି ବ୍ରତଧର୍ମ । ଏ ଅଦ ଯେତେ ପୁଣ୍ୟକର୍ମ ।
ନାନା ପ୍ରକାରେ ତପ କର । ଜ୍ଞାନକଳାକୁ ନୁହେ ସର ।
ଉଦ୍ଧବ ବୁଝି ଏହା ମନେ । ତୁ ମତେ ଭଜ ତତ୍ତ୍ୱଜ୍ଞାନେ ।
ମୋତେ ଭଜଣ ଖଣ୍ଡ ଭ୍ରମ । ଏବେ ତୁ ଛଡ଼ ସବୁ ଧର୍ମ ।
ପୂଜେ ଅଶେଷ ମୁନଗଣେ । ଜ୍ଞାନେ ସେବଲେ ମୋ ଚରଣେ ।
ସଂଶୟ ଛଡ଼ି ଶୁଦ୍ଧମନେ । ଗମିଲେ ବୈକୁଣ୍ଠ-ଭୁବନେ ।

ଉଦ୍ଧବ ଦେଖ ଏ ସଂସାର । ସ୍ୱପ୍ନବେ ବିବିଧ ପ୍ରକାର ।
ଏ ସବୁ ମାୟା ନାନାମତେ । ଅଛେ ଯେ କରେ ତୋଷଠିଟେ ।
ଏ ମାୟା ପ୍ରଳୟେ ନ ଥାଇ । ଘୁଟେ ତା କେହୁ ନ ଜାଣଇ ।
ମଧ୍ୟେ ବଳଯେ ନାନାରୂପେ । ଯୋଗେ ମୋହନ୍ତା ମାୟାକଲ୍ପେ ।
ଏଣୁ ଏ ଅଦ ମଧ୍ୟ ଅନ୍ତ । କେବଳ ମାୟାମାତ୍ର ସତ୍ୟ ।
ଉଦ୍ଧବ କୃଷ୍ଣମୁଁ ଶୁଣି । ଜ୍ଞାନ-ମହମା ପରମାଣି ।
ଜ୍ଞାନ-ବୈରାଗ୍ୟ-କର୍ମ ଯେତେ । ପୁଛିଲା କୃଷ୍ଣପାଦଗତେ ।

ଉଦ୍ଧବ ଉବାଚ

ହେ ବଶେଷର ନାରାୟଣ । ଅନାଦ ପୁରୁଷ ପୁରାଣ ।
ତୁ ବଶ୍ୱରୂପୀ ବଶ୍ୱଦେହ । ଉକ୍ତ-ଲକ୍ଷଣ ମୋତେ କହ ।
ବଶୁଦ୍ଧ ବଜ୍ଞାନ-କାରଣ । ଯାହା ବାଞ୍ଛନ୍ତି ମୁନିଗଣ ।
ଘୋର ସଂସାରେ ମାୟାଭ୍ରମେ । ମୁଁ ଯେ ଦୃଷ୍ଟିତ ପଥଶ୍ରମେ ।
ତୋହର କଥାମୃତ ମୋତେ । ପାନ କରାଅ ଶ୍ରବଣପଥେ ।
ତୋ ପାଦପଦ୍ମ ଛାୟପ୍ରାପ୍ତେ । ଶୀତଳ ମଧୁଧାର ବହେ ।
ସେ ପାଦପଦ୍ମେ ମୋର ଅଶା । ଭବାବ୍ଧି-ତରଣେ ଭରସା ।
ଏ କାଳସର୍ପ ମୋ ଶରୀରେ । କୋପେ ଦଂଶଇ ନରନ୍ତରେ ।
ମୁଁ ମୂଢ଼ ନଜଣଥ ହୁଡ଼ି । ଭ୍ରମଇ ଅନ୍ଧକୂପେ ପଡ଼ି ।
ତୁ ନାଥ ଶରଣସୋଦର । ଏ କୁଜୁଁ କୃପାରେ ଉଦ୍ଧର ।
ତୋର ବଚନ ସୁଧାଧରେ । ବରଷା କର ମୋଶରୀରେ ।
ଏମନ୍ତ ଉକ୍ତବାକ୍ୟ ଶୁଣି । ହସି କହନ୍ତ ଚକ୍ରପାଣି ।

ଶ୍ରୀ ଭଗବାନୁବାଚ

ଶୁଣ ଉଦ୍ଧତ ସାମରଥା । ଯେ ଘୁଟେ ଇତହାସ-କଥା ।
କୁରୁ-ପାଣ୍ଡବ ଯୁଦ୍ଧ ଅନ୍ତେ । ଏ କଥା ଶ୍ରୀଗୁରୁ ଅଗତେ ।
ପାଣ୍ଡୁ-କୁମର ଯୁଧିଷ୍ଠିର । ଧର୍ମେ ସେ ଜଣିଲ ସମର ।
ଜ୍ଞାତ-ବାନ୍ଧବ-କୁଳକ୍ଷପ୍ତେ । ବ୍ୟାକୁଳ-ସଂଶପ୍ତ ହୃଦପ୍ତେ ।
ପୁଛିଲେ ମୋର ବଦ୍ୟମାନେ । ଯେ ପ୍ରଶ୍ନ ଶ୍ରୀଗୁରୁ-ସନ୍ନିଧାନେ ।
ସେ ମୋକ୍ଷଧର୍ମେ ଯାହା କହ । ଶ୍ରବଣେ ଶୁଣିଅଛ ମୁହିଁ ।
ଏବେ ତୁ ସାବଧାନେ ଶୁଣ । ବୈରାଗ୍ୟ-ମୁକତି-ଲକ୍ଷଣ ।
ଶ୍ରୀଗୁରୁ-ବଦନୁ ଅଛୁ ଶୁଣି । ଶୁଣ କହିବା ପରମାଣି ।
ଜଗତ-କାରଣ ପ୍ରଶସ୍ତେ । ଶାସ୍ତ୍ର କହନ୍ତ ନାନାମତେ ।
ଯେ ତତ୍ତ୍ୱ ସବୁ ଏକମତେ । ବସ୍ତୁର ଜାଣିବା ସାକ୍ଷାତେ ।
ଯେ ତତ୍ତ୍ୱଜ୍ଞାନ ମୋର ମତ । ତା ବନୁ କହୁ ନାହେଁ ସତ୍ୟ ।

ଯେ ତତ୍ତ୍ୱଜ୍ଞାନ ପୁଣ୍ଡତନ । ଜଗତ-ଉତ୍ପତ୍ତି-କାରଣ ।
ଜନ୍ମ-ମରଣ ଏ ଜଗତେ । ଦୁଃଖ ସନ୍ତାପ ଆଦ ଯେତେ ।
ଆଦ୍ୟନ୍ତ ମଧ୍ୟ ପରମାଣ । ଏ ସବୁ ମିଥ୍ୟା ବୋଇ ଜାଣ ।
ଯାହାକୁ ଆଦ ଅନ୍ତ ମଧ୍ୟେ । ବିନାଶ ନ ଦେଖି ପ୍ରମାଦେ ।
ସେ ସତ୍ୟ ଜ୍ଞାନତତ୍ତ୍ୱ ଜାଣି । ଅଧ୍ୟକ ମିଥ୍ୟା ପରମାଣି ।
ନୟନେ ଦେଖି ଶୁଣି କର୍ଣ୍ଣେ । ଯେ ଅବା କର ଅନୁମାନେ ।
ବିକଳ୍ପ ସଂକଳ୍ପ-କାରଣ । ବସ୍ତୁରେ ନୋହେ ଏ ପ୍ରମାଣ ।
କର୍ମର ଫଳ ଏ ଜଗତ । କର୍ମ ସରଲେ ହୁଏ ହତ ।
ସ୍ଥାବରୁ ବ୍ରହ୍ମଲୋକ ଯାଏ । କର୍ମ ସରଲେ ହୋଇ କ୍ଷୟେ ।
ପ୍ରଥମେ କହିଲ ମୁଁ ତୋତେ । ଭକ୍ତି-ଯୋଗ-ମହିମା ଯେତେ ।
ଯେ ଭକ୍ତି ମୁକ୍ତିର କାରଣ । ଏବେ କହିବା ତାର ଶୁଣ ।
ମୋହର କଥାମୃତବାଣୀ । ଯେ ଶ୍ରଦ୍ଧାଟିରେ ନିତ୍ୟ ଶୁଣି ।
ବଦନେ କରଇ କୀର୍ତ୍ତନ । ସ୍ମରଣେ ଗାଏ ଅନୁକ୍ଷଣ ।
ମୋର ପୂଜାରେ ଏକାମତ । ଅଦରେ କରେ ନାନାସ୍ତୁତ ।
ମୋର ବ୍ୟାପାରେ ତତପର । ସାଷ୍ଟାଙ୍ଗେ କରେ ନମସ୍କାର ।
ଉଦ୍ଧବ ଯେ ମୋର ଭକତ । ଅଧ୍ୟକେ ପୂଜାକର୍ମେ ରତ ।
ମୋତେ ଦେଖିବ ସଙ୍କଳ୍ପତେ । ନରତେ ଧ୍ରୁବ ପ୍ରାଣିହତେ ।
ମୋର କାରଣେ କର୍ମ ଯେତେ । ଅଦରେ କରୁଧ୍ରୁବ ନତ୍ୟେ ।
ମୋର ମହିମା ଯେତେ ଗୁଣ । କୀର୍ତ୍ତନ କରୁଧ୍ରୁବ ପୁଣ ।
ଅଧ୍ୟକ କର୍ମ କରେ ଯେତେ । ଅନ୍ତରେ ସମର୍ପିବ ମୋତେ ।
ଆଶା ନ କର କର୍ମଫଳେ । ଶରଣ ମୋ ପାଦକମଳେ ।
କର୍ମେ ମିଳବ ଯେତେ ଭୋଗ । ମୋ ପ୍ରୀତଅର୍ଥେ ପରତ୍ୟାଗ ।
ମୋ କାର୍ଯ୍ୟଅର୍ଥେ କର ପ୍ରଣ । ଯେ ଅବା ଯଜ୍ଞ ତପୋଦାନ ।
ଅର୍ପଣ କର ସବୁ ମୋତେ । କୃଷ୍ଣଅନନ୍ଦମୟ୍ୟତତ୍ତ୍ୱେ ।
ଦେହ ଜୀବନ ଦେଇ ମୋତେ । ବନ୍ଧବ ମୋର ପାଦଗତେ ।
ଏ ସବୁ ଭକତ ଉପାସ୍ୟେ । ଯେ ଅବା ସାଧେ ନଜ ଦେହେ ।
ତାରଭକତ ମୋର ପାଦେ । ନଶ୍ଚଳ ହୁଏ ଅପ୍ରମାଦେ ।
ତାର ସାଧନା ସିଦ୍ଧି ଯେତେ । ମୋ ତହିଁ ଅଛୁ ଅନ କେତେ ।
ଯେ ପ୍ରାଣୀ ମୋହର ଚରଣେ । ଦଣ୍ଡେ ନମିଷେ ଅବା କ୍ଷଣେ ।
ମନ ନଶ୍ଚଳ କର ଯେବେ । ଜ୍ଞାନ-ବୈରାଗ୍ୟ ଲଭେ ତେବେ ।
ମୋ ପାଦଭକ୍ତି-ଉପାଦାନେ । ଦେଖଇ ଆତ୍ମା ତତ୍ତ୍ୱଜ୍ଞାନେ ।
ହୃଦରେ ଭକତ ଉଦସ୍ୟେ । ବୈରାଗ୍ୟ ଦେଖଇ ବଷସ୍ୟେ ।
ଅଣିମା ଆଦ ଅଷ୍ଟଐଶ୍ୱ । ନକଟେ ଥାଏ ନରକଶ୍ୱ ।
ଏମନ୍ତେ କୃଷ୍ଣବାକ୍ୟ ଶୁଣି । ଉଦ୍ଧବ ଯୋଡ଼େ ବେନପାଣି ।

ବୋଲଇ କୃଷ୍ଣମୁଖ ଗ୍ରହି । ହେ ନାଥ ଶୁଣ ଭକତାସ୍ତ୍ର ।
ତୋହ୍ନର ଅବଯ୍ୱରଣେ । ମୁହିଁ ପୁଚ୍ଛଇ ଦାସପଣେ ।
ଯମ ନିୟମ ଶମ ଦମ । ଯେତେ ପ୍ରକାର ଯଥାକ୍ରମ ।
ତିତିକ୍ଷା ଧୃତ ତପୋଦାନ । କହ ହେ ପ୍ରଭୁ ଭଗବାନ ।
ଶଉଚେ ରତ ସତ୍ୟ ତ୍ୟାଗ । ଧନ ଦକ୍ଷିଣା ଯଜ୍ଞଭାଗ ।
କରୁପେ ବଦ୍ୟା ଲଭ୍ଧା ଶୀଘ୍ର । କ ସୁଖ ଦୁଃଖ ଲାଭ କର ।
କେ ସାଧୁମାର୍ଗ କେ କୁପଥ । କେ ମୂର୍ଖ କେ ଅବା ପଣ୍ଡିତ ।
କାହାକୁ ବୋଲ ସ୍ୱର୍ଗଲୋକ । କଏ ବା ଅଟଇ ନରକ ।
ଧନାଢ୍ୟ ଜାଣିବା କେମନ୍ତେ । ଦୁଃଖୀ ଦରିଦ୍ର ଅବା କେତେ ।
କାହାକୁ ବୋଲ ବନ୍ଧୁଘର । କେ ଅବା କୃପଣ-ଈଶ୍ୱର ।
ଏ ଆଦ ପରିହର ତୋତେ । ହେ ନାଥ କହ ଦୟାଚତ୍ତେ ।
ମୋ ଚତ୍ତ-ସଂଶୟ ପ୍ରମାଣ । ଏ ପ୍ରଶ୍ନ ପରିହର ତେଣ ।
ଯେ ଅବା ଘଟେ ଯେଉଁମତେ । ହେ ନାଥ କହ ଯଥୋଚତେ ।
ପୁରୁଷସିଂହ ଚକ୍ରପାଣି । ବମନ୍ତ ଭତ୍ୟମୁଖୁ ଶୁଣି ।
ଚତ୍ତେ ସକଳ ଅବଧାର । କହନ୍ତ ପ୍ରଭୁ ଦଇତ୍ୟାର ।

ଶ୍ରୀ ଭଗବାନୁବାଚ

ଶୁଣ ଉଦ୍ଧବ ଏକଚତ୍ତେ । ଯେ ପ୍ରଶ୍ନ ପରିହଲୁ ମୋତେ ।
ବଚନ ମଧ୍ୟେ ସତ୍ୟବାଣୀ । ନର୍ଦ୍ଦୋଷ ପରଧନ ଜାଣି ।
ଲଭ୍ଧା, ସକଳ ସଙ୍ଗତ୍ୟାଗ । ଧନ-ସଞ୍ଚୟନେ ବୈରାଗ୍ୟ ।
ମଉନ, ବ୍ରହ୍ମଚର୍ଯ୍ୟ ଗୁଣ । ଧଇର୍ଯ୍ୟ ଅସ୍ତ୍ରିକ-କାରଣ ।
ଜୀବେ ଅନୁକମ୍ପା, ଋଯ୍, କ୍ଷମା । ଯମ ଦ୍ୱାଦଶ ଏ ମହମା ।
ଶଉଚ ଜପ ତପୋଦାନ । ଆନନ୍ଦେ ମୋହ୍ନର ଅର୍ଚ୍ଚନ ।
ଆଗ୍ୟର୍ଯ୍ୟ-ସେବା ତୀର୍ଥ-ଗତ । ଶ୍ରଦ୍ଧାରେ ପୂଜବ ଅତଥ୍ୟ ।
ସକଳ ଚେଷ୍ଟା ପରହତେ । ବୃଷ୍ଣି ଅକଲ୍ମନ ଚତ୍ତେ ।
ନିୟମ ଦ୍ୱାଦଶ ଏ ଜାଣ । ଏଣେ ଜୀବର ପରତ୍ରାଣ ।
ମୋ ଦେହେଁ ଧ୍ରୁବ ବୁଦ୍ଧି ମନ । ଇନ୍ଦ୍ରିୟ-ସଂଯମଟି ଦମ ।
ଜନ୍ମା ଉପସ୍ଥ ବଦ୍ଧ ଧୃତ । ତିତିକ୍ଷା ସଙ୍ଗ-ଦୁଃଖ-ଶାନ୍ତ ।
ପରକୁ ଦଣ୍ଡ ତ୍ୟାଗ ଦାନ । ତପୋବର୍ଜ୍ଜନ ସଙ୍ଗ କାମ ।
ନଜ ସ୍ୱଭାବେ ଯେବେ ଜଣି । ଶଉର୍ଯ୍ୟ ବୋଲ ତାକୁ ଋଣି ।
ସମାନ ଦୃଷ୍ଟି ସଜଭୂତେ । ଯେ ସତ୍ୟପଥ ମୋର ମତେ ।
ସକଳ କର୍ମଫଳ-ତ୍ୟାଗ । ଶଉର-ଲକ୍ଷଣ-ସ୍ୱଭାବ ।
ସଂସାରେ ସନ୍ନ୍ୟାସ-ଲକ୍ଷଣ । ଉତ୍ତମ ତ୍ୟାଗ ଏହା ଜାଣ ।
ଧନାଢ୍ୟ ବୋଲ ଏ ଶବ୍ଦଲେ । ଯେ ନତ୍ୟେ ଇଷ୍ଟଧର୍ମ ପାଲେ ।

ଦକ୍ଷିଣା ଜ୍ଞାନ ଉପଦେଶ । ମୁଁ ସଙ୍କର୍ଷଣେ ହୃଷୀକେଶ ।
ମୁଦ୍ରଟେ ପବନ-ଧାରଣ । ପରାତ୍ମା ଯୋଗେ ଏ ଲକ୍ଷଣ ।
ଭାଗ୍ୟ ଯେ ଈଶ୍ୱର ତା ଭାଗ । ମୋର ଭକତ ବଡ଼ ଲାଭ ।
ପ୍ରାଣୀବଧରେ ଭେଦ-ବୁଦ୍ଧି । ନ କରେ ଯେ ବଦ୍ୟା-ପ୍ରସିଦ୍ଧି ।
ନନ୍ଦତ କର୍ମେ ଯେ ତରଇ । ଉଦ୍ଧବ ଜାଣ ଲକ୍ଷା ସେହ୍ନ ।
ସକଳତ୍ରବେ ଅନପେକ୍ଷ । ଈଶ୍ୱର ଭାବନ୍ତି ପ୍ରତ୍ୟକ୍ଷ ।
ସମେ ଯେ ଦୁଃଖ ସୁଖ ମଣି । ସେ ମହାସୁଖୀ ନଚ୍ୟେ ଋଣି ।
ନରତେ କାମ-ଭୋଗ-ସୁଖ । ତାହାକୁ ବୋଲ ମହାଦୁଃଖ ।
ଯେ ଆତ୍ମା ବନ୍ଧ ମୋକ୍ଷ ଜାଣେ । ସେ ପ୍ରାଣୀ ପଣ୍ଡିତ ବଖାଣେ ।
ଦେହକୁ ବୋଲ ବଳ୍ମୁପର । ଏଣେ ଯେ କରେ ଅହଙ୍କାର ।
ତାହାକୁ ମୂର୍ଖବୋଲ ଜାଣି । ହସି କହନ୍ତି ଚକ୍ରପାଣି ।
ମୋତେ ଭଜଇ ଯେ ଯେମନ୍ତେ । ଉତ୍ତମ ପଥ ଏ ଜଗତେ ।
ତେଣେ ଚଞ୍ଚଳ ଯାର ଚତ୍ତ । ଉଦ୍ଧବ ସେହ୍ନ ସେ କୁପଥ ।
ଯାର ହୃଦରେ ତମୋଗୁଣ । ସେ ପ୍ରାଣୀ ନରକ-ଲକ୍ଷଣ ।
ପ୍ରାଣୀ-ପରମବୁଦ୍ଧି ମୁହିଁ । ଗୁରୁଙ୍କ ପ୍ରାପ୍ତେ ହୁଡ କହ୍ନ ।
ଉଦ୍ଧବ ଏ ଉତ୍ତମ ପଦ । ଅଟଇ ମନୁଷ୍ୟ କଳେବର ।
ମୋ ସଙ୍ଗଗୁଣେ ଯାର ମନ । ତାର ସମୀପେ ସଙ୍ଗ ଧର୍ମ ।
ମୋ ଭାବେ ଚତ୍ତ ଯାର ନାହିଁ । ସଂସାରେ ଦରଦ୍ରୀ ସେହ୍ନ ।
ଅଜିତ ଇନ୍ଦ୍ରିୟ ଯାହାର । ସଂସାରେ କୃପଣ ସେ ନର ।
ତିଗୁଣେ ସଙ୍ଗ ଯାର ନାହିଁ । ଉଦ୍ଧବ ଈଶ୍ୱରଟି ସେହ୍ନ ।
ଯେ ପ୍ରଶ୍ନ କଲୁ ମୋର ଭୁହ୍ନ । କହିଲ ଶୁଣ ମନଦେଇ ।
ଅଧିକ ବଶେଷ କଥନ । ପ୍ରସ୍ତାବେ ନାହିଁ ପସ୍ପୋଳନ ।
ସକଳ ଭାବେ ଗୁଣ ଦୋଷ । ଏଣୁ ଏ ଜଗତ ଅଶେଷ ।
ବୋଲଇ ବପ୍ର ଜଗନ୍ନାଥ । ଶ୍ରୀ ଏକାଦଶେ ଭାଗବତ ।
ଉଦ୍ଧବ ପୁଚ୍ଛିଲେ ଯେମନ୍ତ । ଅଦ୍ଭୁତ କହିଲେ ତେମନ୍ତ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ଏକାଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ
ସମ୍ବାଦେ ଜ୍ଞାନଭକ୍ତିଯୋଗ କଥନଂ ନାମ ବଂଶୋଽଧ୍ୟାୟଃ ।

(19)

ଭକ୍ତି ଯୋଗକଥନ (Sk. XI, Ch. XXI).

ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣ-ମୁଖ ଗୁହିଁ । ବୋଲଇ ଶିରେ କର ଦେଇ ।
ତ୍ତୋ ନାଥ ବେଦ ତୋର ବାଣୀ । ବଧି-ନଷେଧ ମାର୍ଗେ ଋଣି ।
କର୍ତ୍ତବ୍ୟ କର୍ମେ ଗୁଣ ହୋଇ । ନଷେଧ-ଦୋଷ ଉପୁଜଇ ।

